ବର୍ଷ-୨୬, ସଂଖ୍ୟା-୨୪୪
ଭୁବନେଶ୍ୱର
ସେପ୍ଟେମ୍ବର, ୦୯, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 244
Bhubaneswar
September, 09 2026, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦାରା ସିଂ ମୁକ୍ତି ଆବେଦନ ନେଇ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୯ : ଦାରା ସିଂଙ୍କ ମୁକ୍ତି ଆବେଦନ ପ୍ରସଙ୍ଗରେ ଶିଥିଳତାକୁ ନେଇ ଓଡିଶା ସରକାରଙ୍କୁ ଆଜି ସୁପ୍ରିମକୋର୍ଟ କଡା ତାଗିଦ କରିଛନ୍ତି। ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ଆଗୁଆ ମୁକ୍ତି ଉପରେ ରାଜ୍ୟର 'ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ' ତୁରନ୍ତ ଫଇସଲା ନକଲେ, ସମ୍ପୃକ୍ତ ସଚିବ ବା ଦାୟିତ୍ୱରେ ଥିବା ବରିଷ୍ଠ ଅଫିସରଙ୍କୁ କୋର୍ଟକୁ ତଲବ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଦୁଇ ବର୍ଷ ଧରି ଏହି ପ୍ରସଙ୍ଗରେ କୌଣସି ଫଇସଲା ନକରି ମାମଲାକୁ ଝୁଲାଇ ରଖାଯାଇଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଆବେଦନର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ଆଡଭୋକେଟ୍-ଅନ୍-ରେକର୍ଡ ଅସୁସ୍ଥ ଥିବା ଦର୍ଶାଇ ସରକାରୀ ଓକିଲ ସମୟ ଲୋଡିଥିଲେ। ଏହା ଉପରେ କ୍ଷୁବ୍ଧ ହୋଇ ଜଷ୍ଟିସ ମିଶ୍ର କହିଥିଲେ ଯେ ରାଜ୍ୟର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ (ଦଣ୍ଡ ସମୀକ୍ଷା ବୋର୍ଡ)କୁ ନିଷ୍ପତ୍ତି ନେବା ପାଇଁ ପୂର୍ବରୁ ବହୁଥର ସମୟ ଦିଆଯାଇସାରିଛି।



ଗତ ଅଗଷ୍ଟ ୧୯ ତାରିଖରେ ମଧ କୋର୍ଟ ସ୍ପଷ୍ଟ ଭାବେ ବୋର୍ଡକୁ ନିଷ୍ପତ୍ତି ନେଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଶୁଣାଣି ସ୍ଥଗିତ ରଖିବା ଛଡା କୌଣସି ଅଗ୍ରଗତି ହେଉନାହିଁ। ଦୁଇ ବର୍ଷ ଧରି ଏହି ପ୍ରକ୍ରିୟାକୁ ଏଡାଇବା କଦାପି ଗ୍ରହଣୀୟ ନୁହେଁ। ସରକାରଙ୍କ ଅନୁରୋଧରେ କୋର୍ଟ ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେଦିନ ଆଉ କୌଣସି ସ୍ଥଗିତାଦେଶ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସେହିଦିନ ସୁଦ୍ଧା ବୋର୍ଡର ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଶୁଣାଣି ସୁଦ୍ଧା ଯଦି କୋର୍ଟଙ୍କ ଅଗଷ୍ଟ ୧୯ର ନିର୍ଦ୍ଦେଶ ଅନୁସାରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାନଯାଏ ତା'ହେଲେ ସମ୍ପୃକ୍ତ ଅଫିସର ବ୍ୟକ୍ତିଗତ ଭାବେ ହାଜର ହେବାକୁ ବାଧ୍ୟ ହେବେ ବୋଲି ସତର୍କ କରାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ମସିହାରେ କେନ୍ଦୁଝରର ମନୋହରପୁରଠାରେ ଗାଡି ଭିତରେ ଶୋଇଥିବା ଅବସ୍ଥାରେ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳି ହତ୍ୟା କରାଯାଇଥିଲା। ଏହି ଘଟଣାରେ ନିମ୍ନ ଅଦାଲତ ଦାରା ସିଂଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ପରବର୍ତ୍ତୀ ସମୟରେ ଓଡିଶା ହାଇକୋର୍ଟ ଏହାକୁ ଆଜୀବନ ଜେଲ୍ ଦଣ୍ଡରେ ପରିଣତ କରିଥିଲେ, ଯାହାକୁ ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ।

ଏବେ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କ ଜରିଆରେ କରାଯାଇଥିବା ଆବେଦନରେ ଦାରା ସିଂ ଦର୍ଶାଇଥିଲେ ଯେ ତାଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇସାରିଛି ଓ ସେ ବିଗତ ୨୪ ବର୍ଷରୁ ଅଧିକ ସମୟ ଜେଲରେ କାଟିସାରିଛନ୍ତି। ଯୁବାବସ୍ଥାରେ ଉତ୍ତେଜିତ ହୋଇ ସେ ଏହି ଅପରାଧ ଘଟାଇଥିଲେ ଓ ଏବେ ସେ ନିଜ କାର୍ଯ୍ୟ ପାଇଁ ଅନୁତପ୍ତ ଥିବା ସହ ତାଙ୍କ ଆଚରଣରେ ପୂର୍ଣ୍ଣ ସୁଧାର ଆସିଛି ବୋଲି ଦାବି କରିଛନ୍ତି।

### କେନ୍ଦ୍ରାଞ୍ଚଳ ରେଞ୍ଜର ଆଇନ-ଶୃଙ୍ଖଳା ଓ ଅପରାଧ ସ୍ଥିତି ନେଇ ଡିଜିପିଙ୍କ ସମୀକ୍ଷା

# ପାର୍ବଣ ଋତୁ ପାଇଁ ଆଗୁଆ ସୁରକ୍ଷା ପ୍ରସ୍ତୁତିକୁ ଗୁରୁତ୍ୱ

କଟକ,୮।୯: କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ମଙ୍ଗଳବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୁଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂପୃକ୍ତ ଜିଲ୍ଲାଗୁଡ଼ିକର ସାମଗ୍ରିକ ଆଇନ-ଶୃଙ୍ଖଳା ସ୍ଥିତି ସହ ହତ୍ୟା, ଚୋରି, ଡକାୟତି ଓ ଲୁଣ୍ଠନ ଭଳି ଗୁରୁତର ଅପରାଧର ନିୟନ୍ତ୍ରଣ, ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ, ଅବକାରୀ ଅପରାଧ ଦମନ, 'ନିଶାମୁକ୍ତ ଓଡ଼ିଶା' ଗଠନ ଦିଗରେ ପଦକ୍ଷେପ, ସାଇବର ଅପରାଧ, ମାମଲାର ତଦନ୍ତ ତ୍ୱରାନ୍ୱିତ କରି ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ ଏବଂ ଦଣ୍ଡାଦେଶ ହାର ବୃଦ୍ଧି ଆଦି ବିଷୟରେ ଡିଜିପି ଜିଲ୍ଲା ଏସ୍‌ପିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନରେ ଥିବାରୁ ଏହି ଅଞ୍ଚଳର ଆଇନ-ଶୃଙ୍ଖଳା ସ୍ଥିତିର ବିଶେଷ ଗୁରୁତ୍ୱ ରହିଛି। ଆଗାମୀ ଦିନରେ ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/କାଳୀପୂଜା, ଅଁଳା ନବମୀ, ପଞ୍ଚୁକ ଓ ବାଲିଯାତ୍ରା ଭଳି ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହେବାକୁ ଥିବାରୁ ସେଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ଯୋଜନା ପ୍ରସ୍ତୁତ କରିବାକୁ ହେବ।

ପାର୍ବଣ ସମୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଟ୍ରାଫିକ ପରିଚାଳନା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶାନ୍ତି କମିଟି ବୈଠକ ଆୟୋଜନ କରିବା ସହ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ଏସ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରଦାୟିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଥିଲେ।

ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଆଇନ-ଶୃଙ୍ଖଳା ରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ଡିଜିପି କହିଥିଲେ। ଏଥିପାଇଁ ସ୍ଥାନୀୟ ଥାନା ଅଧିକାରୀମାନେ ନିୟମିତ ଭାବେ ନିଜ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଜନପ୍ରତିନିଧି ଓ ବାସିନ୍ଦାଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା ଓ ଆଇନ-ଶୃଙ୍ଖଳା ସମ୍ପର୍କିତ ଅଭିଯୋଗ ପ୍ରତି ଦୃଷ୍ଟି ଦେବା ଦିଗରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି ଥାନାର




କାର୍ଯ୍ୟପ୍ରଣାଳୀ, ଅପରାଧ ତଦନ୍ତ, ମାମଲାର ଅଗ୍ରଗତି ଓ ପୋଲିସ ସେବା ପ୍ରଦାନ ବ୍ୟବସ୍ଥାର ତଦାରଖ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ଅପରାଧ ନିୟନ୍ତ୍ରଣକୁ ଆହୁରି ପ୍ରଭାବଶାଳୀ କରିବା ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ଗତିବିଧି ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋ-ଚାଲାଣ, ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂକୁ ଅଧିକ ସୁଦୃଢ଼ କରିବା ସହ ନିୟମିତ ଚଢ଼ାଉ, ଯାନବାହନ ଯାଞ୍ଚ ଓ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି, ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ, ଉତ୍ତେଜନାମୂଳକ, ଆପତ୍ତିଜନକ ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନିରନ୍ତର ନଜର ରଖିବା ସହ ଏଭଳି ଅପପ୍ରଚାର ପ୍ରୟାସକୁ ମୁକାବିଲା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଗୁଇନ୍ଦା ସୂଚନା ସଂଗ୍ରହ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ସମ୍ଭାବ୍ୟ ଅପରାଧ, ଅପ୍ରୀତିକର ଘଟଣା ଓ ଆଇନ-ଶୃଙ୍ଖଳା ସମ୍ପର୍କିତ ଆଶଙ୍କା ବିଷୟରେ ଆଗୁଆ ସୂଚନା ସଂଗ୍ରହ କରିବା ସହ ସେହି ଅନୁଯାୟୀ ତୁରନ୍ତ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ପୁଲିସର କାର୍ଯ୍ୟଦକ୍ଷତା ଆହୁରି ସଶକ୍ତ କରିବା ପାଇଁ ଥାନାଠାରୁ ଆରମ୍ଭ କରି ଜିଲ୍ଲା ଓ ରେଞ୍ଜ ସ୍ତର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଉତ୍ତମ ସମନ୍ୱୟ, ନିୟମିତ ଯୋଗାଯୋଗ ଓ ଟିମ୍‌ୱର୍କ ବଜାୟ ରଖି ନିଷ୍ଠା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଡିଜିପି ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଯତୀନ୍ଦ୍ର କୋଏଲ, ଆଇଜିପି (ପର୍ସନେଲ) ଏସ୍. ପ୍ରବୀଣ କୁମାର, ଆଇଜିପି (ଏସଟିଏଫ) ହିମାଂଶୁ ଲାଲ, ନିର୍ଦ୍ଦେଶକ(ଏସସିଆରବି) ଅବିନାଶ କୁମାର, ଡିଆଇଜିପି (ଏଚଆରପିସି) ରାଜେଶ ପଣ୍ଡିତ, ଆଇଜିପି (କ୍ରାଇମବ୍ରାଞ୍ଚ) ଡ ସାର୍ଥକ ଷଡଙ୍ଗୀ, ଆଇଜିପି (ପ୍ରୋଭିଜନିଂ) ନୀତି ଶେଖର, ଆଇଜିପି (କେନ୍ଦ୍ରାଞ୍ଚଳ) ଡ ସତ୍ୟଜିତ ନାଏକ, ଡିଆଇଜିପି (ପର୍ସନେଲ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ।

## ଜାତିସଂଘ ମାନଚିତ୍ରରେ ଅରୁଣାଚଳ ଭାରତର ନୁହେଁ

ନୂଆଦିଲ୍ଲୀ,୭।୮ : ମିଳିତ ଜାତିସଂଘର 'କରେକ୍ଟ ଦ ମ୍ୟାପ୍' ସଂକଳ୍ପକୁ ଏକଦା ଭାରତ ସମର୍ଥନ କରିଥିଲା। ଜାତିସଂଘ ଜାରି କରିଥିବା ନୂଆ ତଥା ସଂଶୋଧିତ ମ୍ୟାପ୍ ସପକ୍ଷରେ ଭାରତ ବି ଭୋଟ ଦେଇଥିଲା। ହେଲେ ଏବେ ଜାତିସଂଘ ମାନଚିତ୍ରରେ ଥିବା ତ୍ରୁଟି ସାମ୍ନାକୁ ଆସିଛି। ଭାରତର ଅରୁଣାଚଳ ପ୍ରଦେଶ ଓ ଅକସାଇ ଚୀନକୁ ମାନଚିତ୍ରରେ ସ୍ୱତନ୍ତ୍ର ଅଞ୍ଚଳ ଭାବେ ଦର୍ଶାଯାଇଛି। ଭାରତ ଓ ଚାଇନା ସୀମାନ୍ତ ମଧ୍ୟରେ ଏହି ଦୁଇ ରିଜନକୁ ସ୍ୱତନ୍ତ୍ର ଅଞ୍ଚଳ ଭାବେ ଚିତ୍ରିତ କରାଯାଇଛି। ଅର୍ଥାତ ଅରୁଣାଚଳ ପ୍ରଦେଶ ଓ ଅକସାଇ ଚୀନ ଭାରତ କିମ୍ବା ଚାଇନାର ନୁହେଁ ବୋଲି ଜାତିସଂଘ ମାନଚିତ୍ରରେ ଦର୍ଶାଇବାକୁ ଚେଷ୍ଟା କରିଛି।




ଜୁଲାଇ ୧ରେ ଏହି ମାନଚିତ୍ର ପ୍ରଥମେ ରିଲିଜ ହୋଇଥିଲା। ମିଳିତ ଜାତିସଂଘର ସାଧାରଣ ପରିଷଦ ସଂକଳ୍ପର ଆଲୋଚନା ବେଳେ ଏହାକୁ ସାର୍ବଜନୀନ କରାଯାଇଥିଲା। ଏହି ମାନଚିତ୍ରରେ ନାଗାଲାଣ୍ଡ ସହ ଥିବା ଅରୁଣାଚଳ ପ୍ରଦେଶର ସୀମାକୁ ହଟାଇ ଦିଆଯାଇଛି।

ଏଥିସହ ଏହି ଅଞ୍ଚଳକୁ ଆସାମ ଓ ଚାଇନା ସୀମାନ୍ତର ଗୋଟିଏ ସ୍ୱାଧୀନ ଅଞ୍ଚଳ ଭାବେ ପ୍ରଦର୍ଶନ କରାଯାଇଛି। ମାନଚିତ୍ରରେ ଅକ୍ସାଇ ଚୀନ୍‌କୁ ମଧ୍ୟ ଏକ ସ୍ୱାଧୀନ ଅଞ୍ଚଳ କୁହାଯାଇଛି। ଏହାର ପଶ୍ଚିମ ପାର୍ଶ୍ୱରେ ଭାରତ ଓ ପୂର୍ବ ପାର୍ଶ୍ୱରେ ଚାଇନା ସୀମା ଥିବା ଦର୍ଶାଯାଇଛି। ତେବେ ଏପରି ପରିବର୍ତ୍ତନ ସମ୍ପର୍କରେ ଜାତିସଂଘ କିଛି ବି କହିନାହିଁ।ଗତ ସପ୍ତାହରେ ଜାତିସଂଘ ସାଧାରଣ ସଭା ଆଫ୍ରିକୀୟ ସଂଘ ସମର୍ଥିତ କରେକ୍ଟ ଦ ମ୍ୟାପ୍ ଶୀର୍ଷକ ଏକ ପ୍ରସ୍ତାବ ପାରିତ ହୋଇଥିଲା। ବିଶେଷ କରି ଆଫ୍ରିକା ସମେତ ବିଶ୍ୱର ବିଭିନ୍ନ ଅଞ୍ଚଳକୁ ଅଧିକ ସଠିକ୍ ଓ ସମାନତା ଭିତ୍ତିକ ଭାବେ ମାନଚିତ୍ରରେ ପ୍ରଦର୍ଶନ କରିବା ଏହି ପ୍ରସ୍ତାବର ଲକ୍ଷ୍ୟ।ଏହି ମାନଚିତ୍ର ବାଧ୍ୟତାମୂଳକ ନୁହେଁ। କିନ୍ତୁ ବିଶ୍ୱର ବହୁପକ୍ଷୀୟ ସଂସ୍ଥାଗୁଡ଼ିକ ଏହାକୁ ସମର୍ଥନ କରୁଛନ୍ତି। ଆଫ୍ରିକୀୟ ଗ୍ରୁପ ପକ୍ଷରୁ ଟୋଗୋ ଏହି ପ୍ରସ୍ତାବକୁ ଉପସ୍ଥାପନ କରିଥିଲା। ଭାରତ ମଧ୍ୟ ଏହାକୁ ସମର୍ଥନ କରିଥିଲା। ତେବେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନ୍‌କୁ ଭାରତ ଠାରୁ ମାନଚିତ୍ରେ ଅଲଗା ଦର୍ଶାଯାଇଥିଲେ ହେଁ ଏଯାଏ ନୂଆଦିଲ୍ଲୀ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

## ବିଦ୍ୟୁତ୍ ତାର ଲାଗି ମା-ଝିଅ ମୃତ

ଭବାନୀପାଟଣା।୮।୯(ମହାଭାରତ); କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରୁ ଆସିଛି ଏକ ହୃଦୟବିଦାରକ ଘଟଣା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମା' ଓ ଝିଅଙ୍କ ମୃତ୍ୟୁ ଘଟିଛି। ଏହି ଅଭାବନୀୟ ଘଟଣା ଭବାନୀପାଟଣା ସଦର ଥାନା ଅଧୀନ କରଲାସୁଡ଼ା (କାର୍ଲାସୋଡା) ଗାଁରେ ଘଟିଛି। ମୃତକ ହେଲେ ଲଳିତା ନାଏକ ଓ ତାଙ୍କ ଝିଅ ଶୀତଳ ନାଏକ।

ସୂଚନା ଅନୁଯାୟୀ, ଘରେ ଲୁଗା ଶୁଖାଉଥିବା ସମୟରେ ଶୀତଳ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଝିଅକୁ ବଞ୍ଚାଇବା ପାଇଁ ଦୌଡ଼ି ଯାଇଥିବା ମା' ଲଳିତା ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଭୟଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରଥମେ ଝିଅ ଶୀତଳଙ୍କ ମୃତ୍ୟୁ ହୋଇଥିବାବେଳେ, ପରେ ଚିକିତ୍ସାଧୀନ ଅବସ୍ଥାରେ ମା' ଲଳିତାଙ୍କର ମଧ୍ୟ ଜୀବନ ଚାଲିଯାଇଥିଲା।ତେବେ ଏହି ଘଟଣା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ହସ୍ପିଟାଲରେ ଠିକ୍ ଭାବେ ଯାଞ୍ଚ ଓ ଚିକିତ୍ସା କରାଯାଇନଥିବାରୁ ଲଳିତାଙ୍କ ମୃତ୍ୟୁ ଘଟିଛି। ଚିକିତ୍ସାରେ ଅବହେଳା ବିରୋଧରେ ସେମାନେ ଦୁଇ ମୃତଦେହକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। ନ୍ୟାୟ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପରିସ୍ଥିତିକୁ ନଜରରେ ରଖି ଜିଲ୍ଲାପାଳ କାର୍ଯ୍ୟାଳୟ ଓ ହସ୍ପିଟାଲ ପରିସରରେ ସଦର ଓ ଟାଉନ୍ ଥାନା ପୁଲିସ ମୁତୟନ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ବନ୍ଧୁକ ଦେଖାଇ ଗ୍ରାମ୍ୟ ବ୍ୟାଙ୍କରୁ ୧୦ ଲକ୍ଷ ଲୁଟ୍

ବାଲେଶ୍ୱର,୮।୯(ମହାଭାରତ); ବ୍ୟାଙ୍କ ଭିତରେ ପଶି ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ। ଏପରି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଦେଖିବାକୁ ମିଳିଛି । ଦୁର୍ବୃତ୍ତମାନେ ବ୍ୟାଙ୍କର କ୍ୟାସ କାଉଣ୍ଟରରୁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଆଜି ଦିନ ଦ୍ୱିପ୍ରହର ସମୟରେ ଏକ ବୋଲେରୋ ଗାଡ଼ିରେ ପ୍ରାୟ ୪-୬ ଜଣ ଦୁର୍ବୃତ୍ତ ଗ୍ରାହକ ବେଶରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। କିଛି ସମୟ ପରେ ହଠାତ୍ ସେମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଲୋକଙ୍କୁ ଭୟଭୀତ କରିଥିଲେ। ବିରୋଧ କରିବାରୁ ବ୍ୟାଙ୍କ ମ୍ୟାନେଜର ଓ କିଛି କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିଥିବାର ଅଭିଯୋଗ ହୋଇଛି। ପରେ ଦୁର୍ବୃତ୍ତମାନେ କ୍ୟାସ କାଉଣ୍ଟର ନିକଟକୁ ଯାଇ ସେଠାରେ ଥିବା ନଗଦ ଟଙ୍କା ଲୁଟି ନେଇଥିଲେ। ଲୁଟ ପରେ ସମସ୍ତ ଦୁର୍ବୃତ୍ତ ବୋଲେରୋ ଯୋଗେ ଘଟଣାସ୍ଥଳରୁ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟାଙ୍କ ମ୍ୟାନେଜର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ବାଲିଆପାଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ବ୍ୟାଙ୍କରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କ କର୍ମଚାରୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ସସ୍‌ପେଣ୍ଡ

ଭୁବନେଶ୍ୱର,୮।୯: ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ଦୁର୍ଗା ଛୁରିଆଙ୍କୁ ନିଲମ୍ବନ କରାଯାଇଛି। ସେ କନ୍ଧମାଳ ଉଜଉଝରେ ଝଇଜଉଝ ଭାବେ କାର୍ଯ୍ୟ କରୁଥିଲେ। ଏହା ସହିତ ସେ ଭୁବନେଶ୍ୱର ସମବାୟ ମୁଖ୍ୟାଳୟରେ SARCS ଭାବେ କାର୍ଯ୍ୟ କରୁଥିଲେ। ରାଜନୈତିକ ସମ୍ପୃକ୍ତି ଅଭିଯୋଗରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ହୋଇଛି। ଓଡିଶା ସରକାରୀ ସେବା ଆଚରଣ ନିୟମ, ୧୯୫୯ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିବା ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନିର୍ଦ୍ଦେଶନାମା ଅନୁସାରେ ଏକ ରାଜନୈତିକ ଦଳ ସହ ଜଡିତ ରହିବା ଓ ତା'ର ବିଭିନ୍ନ କାର୍ଯ୍ୟକଳାପରେ ଭାଗ ନେଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ରହିଥିଲା।

# ନନ୍ଦନକାନନ ଗଲେ ୫ ଓରାଙ୍ଗଓଟାନ

## ଇଣ୍ଟରନ୍ୟାସନାଲ୍ ସ୍ମଗଲିଂ ସନ୍ଦେହ, ତଦନ୍ତ ଆରମ୍ଭ

ଭୁବନେଶ୍ୱର,୮।୯(ମହାଭାରତ); ଉଦୟପୁର ଫରେଷ୍ଟ ଅଫିସ୍‌ରୁ ନନ୍ଦନକାନନ ବାହାରିଲେ ୫ ଓରାଙ୍ଗଉଟାନ । ସ୍ୱତନ୍ତ୍ର ବ୍ୟବସ୍ଥା ସହିତ କଡା ସୁରକ୍ଷା ମଧ୍ୟରେ ନନ୍ଦନକାନନକୁ ପଠାଗଲା ୫ ଓରାଙ୍ଗ ଓଟାନ। ଜଉଉରଙ୍କ ଉପସ୍ଥିତିରେ ସମସ୍ତ ଓରାଙ୍ଗ ଓଟାନ ନନ୍ଦନକାନନ ଯାଇଥିବାର ସୂଚନା ମିଳିଛି ।



ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଚିତ୍ରପୁର ଜଙ୍ଗଲରେ ୫ଟି ଓରାଙ୍ଗଉଟାନ ଠାବ ହୋଇଥିଲା। ଏକାଥରେ ୫ଟି ବିରଳ ପ୍ରଜାତିର ଜୀବ ଦେଖାଯିବା ପରେ ସ୍ଥାନୀୟ ଅଞ୍ଚଳରେ ଜୀବଙ୍କୁ ଦେଖିବା ପାଇଁ ଜଙ୍ଗଲରେ ଲୋକଙ୍କ ଭିଡ ଜମିଥିଲା । ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଜୀବଗୁଡ଼ିକୁ ଉଦ୍ଧାର କରିବା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ପଶୁ ଚିକିତ୍ସାଳୟକୁ ନିଆଯାଇଥିଲା ।

ଦେଖିବାକୁ ସେମାନେ ଅବିକଳ ବଣମଣିଷ ଭଳି। ଗଛ ଓ ଜଙ୍ଗଲ ମଧ୍ୟରେ ଏମାନଙ୍କ ଗତିବିଧି ଦେଖି ସ୍ଥାନୀୟ ଲୋକେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ଏମାନେ ଓରାଙ୍ଗଉଟାନ ବୋଲି ଚର୍ଚ୍ଚା ହେବା ପରେ ଘଟଣାଟି ଅଧିକ ରୋଚକ ହୋଇଥିଲା। ଖବର ଚାରିଆଡ଼ ବ୍ୟାପିବା ପରେ ବିଚିତ୍ରପୁର ଜଙ୍ଗଲ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ଏଭଳି ଜୀବକୁ ଆଗରୁ କେବେ ଦେଖିନଥିବା ଲୋକେ ଦୂରରୁ ଠିଆ ହୋଇ ଏମାନଙ୍କୁ ଦେଖିବାକୁ ଚେଷ୍ଟା କରିଥିଲେ। ବିଚିତ୍ରପୁରରେ ବନବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ଓରାଙ୍ଗ ଉଟାନ ଏବେ ଚିନ୍ତା ବଢାଇ ଦେଇଛି ସଭିଙ୍କର। ଏହି ପ୍ରଜାତିର ଜଂଗଲୀ ଜନ୍ତୁ ବିଶ୍ୱରେ ବିରଳ ଥିବାବେଳେ ମିଳିଥିବା ତଥ୍ୟ ଅନୁଯାୟୀ ଏହା ନନ୍ଦନକାନନରେ ବି ଗୋଟିଏ ୨୦୧୯ ମସିହାରେ ମୃତ ପରଠୁ ନାହିଁ। ଏଭଳି ସ୍ଥିତିରେ ବେଆଇନ ଭାବରେ ଏହା ଚାଲାଣ ହୋଇଥାଇ ପାରେ ବୋଲି ପୂର୍ବତନ ୱାଇଲ୍ଡ ଲାଇଫ ୱର୍ଡନ କହିଛନ୍ତି ।

ସେହିପରି ସ୍ମଗଲିଂ ସନ୍ଦେହ ହେଉଛି ବୋଲି ପିସିସିଏଫ୍ ପ୍ରେମ୍ ଝା କହିଥିବାର ଦେଖିବାକୁ ମିଳିଛି । ଏହା ସହ ସେ କହିଛନ୍ତି, ବନ ବିଭାଗ ତଦନ୍ତ କରିବ, ପୋଲିସକୁ ମଧ୍ୟ ତଦନ୍ତ ପାଇଁ କୁହାଯାଇଛି । ଦେଶର ଦୁଇ ତିନୋଟି ସ୍ଥାନରେ କ୍ୱଚିତ୍ ଦେଖାଯାନ୍ତି । ଓଡିଶାରେ ଓରାଙ୍ଗଓଟାନ କେବେ ଦେଖାଯିବାର ନଜିର ନାହିଁ । ନନ୍ଦନକାନନରୁ ଗୋଟିଏ ଟିମ୍ ଭୋଗରାଇ ବାହାରି ସାରିଛି । ଉଦ୍ଧାର ୫ ଓରାଙ୍ଗଉଟାନଙ୍କୁ ନନ୍ଦନକାନନରେ କ୍ୱାରେଣ୍ଟାଇନ୍‌ରେ ରଖାଯିବ ବୋଲି ପିସିସିଏଫ୍ ପ୍ରେମ୍ ଝା କହିଛନ୍ତି ।

ଏହି ଘଟଣାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରତିକ୍ରିୟା ଦେଇଛନ୍ତି । ଓରାଙ୍ଗଉଟାନ କେଉଁଠୁ ଆସିଲେ ଏନେଇ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ତଦନ୍ତ କରିବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଏହା ପଛରେ ଅନ୍ତର୍ଜାତୀୟ ମାଫିଆ ଚାଲାଣ କରୁଥାଇପାରେ, ତେଣୁ ଏହି ମାମଲାରେ ତଦନ୍ତ କରାଯିବ। କାରଣ ଏହି ପ୍ରଜାତିର ଜୀବ ଭାରତରେ ନାହାନ୍ତି କି ଓଡ଼ିଶାରେ ନାହାନ୍ତି। ଏନେଇ ନିଜେ ପିସିଏଫ ମଧ୍ୟ ମନିଟରିଂ କରୁଛନ୍ତି। ବଜାରରେ ଗୋଟେ ଓରାଙ୍ଗଉଟାନର ଦାମ୍ ୨୫ ଲକ୍ଷ ଟଙ୍କା। ସେମାନଙ୍କର ବୟସ ବର୍ଷରୁ ଦୁଇ ବର୍ଷ ଭିତରେ ହେବ। ସେମାନଙ୍କୁ ନେଇ ରିସର୍ଚ୍ଚ କରାଯିବ । ଚେକ୍ ଦେବା ପାଇଁ ଏୟାରପୋର୍ଟ ଓ ରେଲୱେ ସହ କଥାବାର୍ତ୍ତା ମଧ୍ୟ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ।

# କାମ କରୁନି ମାମଲା ନୀତି

ଭୁବନେଶ୍ୱର,୮।୯(ମହାଭାରତ) : ଓଡିଶା ସରକାର ପ୍ରଣୟନ କରିଥିବା ରାଜ୍ୟ ମାମଲା ନୀତିର ଠିକଣା ଅନୁପାଳନ ହେଉନଥିବାରୁ ମାମଲା ସଂଖ୍ୟା ବିବାରେ ଲାଗିଛି ଏବଂ ସରକାରଙ୍କ ପଦାଧିକାରୀମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ବି ବିବି ଚାଲୁଛି । ଏଥିଯୋଗୁ ଆଇନ୍ ଅଦାଲତଗୁଡିକ ଉପରେ ଚାପ ବୁଥିବାବେଳେ ତଳୁ ଉପର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଦାଲତରେ ପର୍ଯ୍ୟାପ୍ତ ସଂଖ୍ୟକ ବିଚାରପତି ନଥିବାରୁ ସମସ୍ୟା ଗମ୍ଭୀର ହେଉଛି ।ଏବେ ଓଡିଶାର ବିଭିନ୍ନ ଅଦାଲତରେ ୨୨ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ଥିବା କୁହାଯାଉଛି । ଏଥିରୁ ଓଡିଶା ହାଇକୋର୍ଟରେ ପ୍ରାୟ ୧ଲକ୍ଷ ୭୦ ହଜାର ମାମଲା ବିଚାର ପ୍ରତୀକ୍ଷାରେ ରହିଥିବାବେଳେ ସେଥିମଧ୍ୟରେ ପ୍ରାୟ ୧୨ ହଜାର ଅଦାଲତ ଅବମାନନା ମାମଲା ରହିଛି । କେବଳ ସେତିକି ନୁହେଁ, ଜିଲ୍ଲା ସ୍ତରୀୟ ଓ ଅଧସ୍ତନ କୋର୍ଟଗୁଡିକରେ ୨୦/୩୦ ବର୍ଷରୁ ପୁରୁଣା ଅନେକ ମାମଲା ବି ଗଡୁଛି ।

ପୁରୁଣା ମାମଲାର ସଂଖ୍ୟା ହ୍ରାସ ସହିତ ତ୍ୱରିତ ଫଇସଲାକୁ ଆଖି ଆଗରେ ରଖି ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ୨୦୧୧ ମଇ ମାସରେ ଓଡିଶା ସରକାର ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିଲେ। ୫ବର୍ଷରୁ ପୁରୁଣା ମାମଲାଗୁଡିକୁ ତୁରନ୍ତ ଫଇସଲା କରିବା ଏହି ମାମଲା ନୀତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା । ମାମଲା ନୀତିର କାର୍ଯ୍ୟକାରିତା ସଂକ୍ରାନ୍ତରେ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କ୍ଷମତା ସଂପନ୍ନ କମିଟି ମଧ୍ୟ ଗଢାଯାଇଥିଲା । ଜିଲ୍ଲା ସ୍ତରରେ ବି ଅନୁରୂପ ବ୍ୟବସ୍ଥା ହୋଇଥିଲା ।

ଅଭିଯୋଗ ହେଉଛି ଯେ ୫ବର୍ଷ ଭିତରେ ମାମଲା ଫଇସଲା ତ ଦୂରର କଥା କେତେକ କ୍ଷେତ୍ରରେ ଏହା ୨୦/୩୦ବର୍ଷରୁ ଅଧିକ ସମୟ ଧରି ମଧ୍ୟ ଗଡୁଛି । ଯେଉଁସବୁ ମାମଲାରେ ନୀତିଗତ ଭାବେ ରାଜ୍ୟ ସରକାରଙ୍କ ଅଦାଲତଙ୍କ ଆଦେଶକୁ ଅନୁପାଳନ କରୁଛନ୍ତି ସେଭଳି କ୍ଷେତ୍ରରେ ମାମଲା ରୁଜୁ ହୋଇନଥିଲେ ମଧ୍ୟ ଅନ୍ୟମାନଙ୍କୁ ସମାନ ଫାଇଦା ଦେବା ପାଇଁ ଏଥିରେ ବ୍ୟବସ୍ଥା ଥିଲା । ତେବେ ଅଦାଲତରୁ ଆଦେଶ ନଆଣିଲେ ଅଭିଯୋଗ ସମାଧାନ ହୋଇପାରିବ ନାହିଁ ବୋଲି ବହୁ କ୍ଷେତ୍ରରେ ରୋକ୍‌ଠୋକ୍ ଭାବେ ଶୁଣାଇ ଦିଆଯାଉଥିବାରୁ ସମାନ ଅଭିଯୋଗ ପାଇଁ ଲୋକଙ୍କୁ ଅଦାଲତ ମୁହାଁ ହେବାକୁ ବାଧ କରାଯାଉଛି ।ସରକାରୀ ମାମଲା ପରିଚାଳନାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉତ୍ତର ଦାଖଲ କରିବା ଏବଂ ଅଦାଲତ ଯେଉଁ ନଥିପତ୍ର ଓ ତଥ୍ୟ ଚାହୁଁଛନ୍ତି ତାହା ଯୋଗାଇ ଦେବା ପାଇଁ ମାମଲା ନୀତିରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା । ଏହା ସତ୍ତ୍ୱେ ବି ଅଧିକାଂଶ ମାମଲାରେ ସରକାରଙ୍କ ପକ୍ଷରୁ ଉତ୍ତର ଓ ତଥ୍ୟ ଦାଖଲରେ ଅହେତୁକ ବିଳମ୍ବ ଘଟିଥାଏ । କେବଳ ସେତିକି ନୁହେଁ, ନିମ୍ନ ଅଦାଲତରେ ଫୌଜଦାରୀ ମାମଲାଗୁଡିକରେ ବହୁ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ସାକ୍ଷ୍ୟ ପ୍ରମାଣ ଦାଖଲରେ ଅବହେଳା ଯୋଗୁ ମାମଲା ଫଇସଲାରେ ବିଳମ୍ବ ଘଟିଥାଏ । ମାମଲା ନୀତି ସଂକ୍ରାନ୍ତରେ ଓଡିଶା ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଂଶୋଧିତ ମାମଲା ନୀତି ପ୍ରଣୟନ କରାଯାଇଥିଲା । ତାହା ମଧ୍ୟ ଠିକଣା ଭାବେ ଅନୁପାଳନ କରାଯାଇପାରୁ ନାହିଁ । ଅଭିଯୋଗ ହେଉଛି ଯେ ଛୋଟଛୋଟ ସମସ୍ୟା ସମାଧାନ କରିବାରେ କ୍ଷେତ୍ର ଅଧିକାରୀମାନଙ୍କ ବିଫଳତା ଯୋଗୁ ଉଭୟ ଦେୱାନୀ ଓ ଫୌଜଦାରୀ ମାମଲା ସଂଖ୍ୟା ବୃଦ୍ଧି ଏବଂ ପରବର୍ତ୍ତୀ ସମୟରେ ଫୌଜଦାରୀ ମାମଲାରେ ଦଣ୍ଡବିଧାନ ହାର କମ୍ ରହୁଛି । ସରକାରୀ ମାମଲାର ଠିକଣା ପରିଚାଳନା ଘେନି ନିକଟରେ ଓଡିଶା ହାଇକୋର୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ କଳ ମାମଲା ସଂକ୍ରାନ୍ତରେ ସଚେତନ ଓ ସମ୍ବେଦନଶୀଳ ରହିଲେ ଅଦାଲତଗୁଡିକ ଉପରେ ମାମଲାର ଚାପ କମନ୍ତା ବୋଲି ଅଭିଜ୍ଞ ଆଇନଜୀବୀମାନେ ମତବ୍ୟକ୍ତ କରୁଛନ୍ତି ।

## ପନୀର ଜଲସା

**ଆବଶ୍ୟକ ସାମଗ୍ରୀ:** ପନୀର, ରିଫାଇନ, ଜୀରା, ହଳଦି ଗୁଣ୍ଡ, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ ,ଲୁଣ, ଟମାଟୋ ସସ୍, ଲଙ୍କାଗୁଣ୍ଡ। ଏହାବ୍ୟତୀତ ଆଚ୍ଛର ମସଲା ପାଇଁ ସୋରିଷ, ଜୀରା, ମେଥି, କଳାଜିରା ଓ ପାନମହୁରି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରି ପନୀରକୁ ହାଲକା ଭାଜି ବାହାର କରି ଦିଅନ୍ତୁ। ଏହାପରେ ତେଲରେ ଜୀରା, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭାଜନ୍ତୁ। ପରେ ସେଥିରେ ଭଜା ପନିର, ଟମାଟୋ ସସ୍, ଲଙ୍କାଗୁଣ୍ଡ, ଓ ଛଟ ମସଲା ପକାନ୍ତୁ। କିଛି ସମୟ ପରେ ଆଚ୍ଛର ମସଲା ପକାଇ ଅଳ୍ପ ପାଣି ଦେଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଗରାମଗରମ ପ୍ଲେଟରେ ପରସନ୍ତୁ।



## ଖବର

# ଦୀର୍ଘ ବର୍ଷ ପରେ ପରଦାକୁ ଫେରୁଛନ୍ତି ବିପାଶା ବସୁ



ବିପାଶା ବସୁ ଦୀର୍ଘ ବର୍ଷ ପରେ ପୁଣିଥରେ ଅଭିନୟ ଜଗତକୁ ଫେରିଛନ୍ତି। ବିପାଶା ଜଣାଶୁଣା ନିର୍ଦ୍ଦେଶକ ହଂସଲ ମେହତାଙ୍କ ଆଗାମୀ କ୍ରାଇମ୍ ଥ୍ରିଲର୍ ସିରିଜ୍ 'ବାରାବାଙ୍କି' ପାଇଁ ସୁଟିଂ ଆରମ୍ଭ କରିଥିବା ଜଣାପଡ଼ିଛି।୧୯୮୪ ମସିହାକୁ ପୃଷ୍ଠଭୂମି କରି ନିର୍ମିତ ଏହିସିରିଜ୍ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଆଲୋକ ଲାଲଙ୍କ ପୁସ୍ତକ 'ଦ ବାରାବାଙ୍କି ନାର୍କୋସ୍: ବଷ୍ଟିଂ ଇଣ୍ଡିଆଜ୍ ମୋଷ୍ଟ ନଟୋରିଅସ୍ ଡ୍ରଗ୍ କାର୍ଟେଲ୍' ଉପରେ ଆଧାରିତ।ଏହି ସିରିଜ୍‌ଟି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଆଲୋକ ଲାଲଙ୍କ ନେତୃତ୍ୱରେ ଚାଲିଥିବା ଏକ ବାସ୍ତବ ଅପରେସନ୍‌ରୁ ପ୍ରେରିତ। ଉତ୍ତରପ୍ରଦେଶର ବାରାବାଙ୍କି ଜିଲ୍ଲାରେ ସକ୍ରିୟ ଥିବା ଏକ ବଡ଼ ଅଫିମ ଚୋରାଚାଲାଣକାରୀ ଗ୍ୟାଙ୍ଗ୍‌କୁ ଧ୍ୱଂସ କରିବା ଏହି ଅପରେସନ୍‌ର ମୁଖ୍ୟ ଲକ୍ଷ୍ୟ ଥିଲା। ବିପାଶା ବସୁଙ୍କ ସହ ଏହି ସିରିଜ୍‌ରେ ସନ୍ନି କୌଶଲ ଏବଂ 'ହୋମ୍‌ବାଉଣ୍ଡ' ଅଭିନେତା ବିଶାଲ ଜେଠୱା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ତେବେ ଉଭୟଙ୍କ ଚରିତ୍ର ସମ୍ପର୍କରେ ବର୍ତ୍ତମାନ କୌଣସି ବିସ୍ତୃତ ତଥ୍ୟ ପ୍ରକାଶ କରାଯାଇନାହିଁ।ବିପାଶା ଗତ ମାସରୁ ମୁମ୍ବାଇରେ 'ବାରାବାଙ୍କି'ର ସୁଟିଂ ଆରମ୍ଭ କରିଛନ୍ତି। ଏହି ଫିଲ୍ମ ମାଧ୍ୟମରେ ତାଙ୍କର ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ହଂସଲ ମେହତାଙ୍କ ସହ କାମ କରିବାର ସୁଯୋଗ ମିଳିଛି। ଏହି ସିରିଜ୍ ?କୁ ଜଣେ ଆଇପିଏସ୍ ? ଅଧିକାରୀ ଏବଂ ତାଙ୍କ ଟିମ୍ ?ର ପ୍ରତ୍ୟକ୍ଷ ଅନୁଭୂତି ଭାବେ ଉପସ୍ଥାପନ କରାଯାଇଛି। ପ୍ରଭାବଶାଳୀ ଡ୍ରଗ କାର୍ଟେଲ୍‌ଗୁଡ଼ିକ ବିରୋଧରେ ଅଭିଯାନ ଚଳାଇ ସେମାନଙ୍କ ଚୋରାଚାଲାଣ ନେଟୱର୍କକୁ ଧ୍ୱଂସ କରିବା ହିଁ ଏହି କାହାଣୀର ମୁଖ୍ୟ ବିଷୟ।'ମେଡ୍ ଇନ ଇଣ୍ଡିଆ: ଦ ଟାଇଟନ୍ ଷ୍ଟୋରି' ପାଇଁ ପରିଚିତ ପ୍ରଭଲୀନ କୌର ଏହି ସିରିଜ୍‌ର ସହ-ପ୍ରଯୋଜକ ଅଛନ୍ତି। ବିପାଶାଙ୍କ ଚରିତ୍ର ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ତଥ୍ୟ ସାମ୍ନାକୁ ଆସିନାହିଁ। ତେବେ ରିପୋର୍ଟ ଅନୁଯାୟୀ, ତାଙ୍କ ଚରିତ୍ରର କାହାଣୀର ମୁଖ୍ୟ ନାୟକଙ୍କ ସହ ଏକ ଗଭୀର ସମ୍ପର୍କ ରହିବ। ହଂସଲ ମେହତା ତାଙ୍କୁ ଏହି ପ୍ରୋଜେକ୍ଟ ପାଇଁ ପ୍ରସ୍ତାବ ଦେବାର କିଛି ସମୟ ପରେ ହିଁ ବିପାଶା ଏଥିରେ ଅଭିନୟ କରିବାକୁ ରାଜି ହୋଇଥିବା ଜଣାପଡ଼ିଛି। ଏହାସହ ହଂସଲ ମେହତା ମଧ୍ୟ ବିପାଶାଙ୍କ ସହ କାମ କରିବାକୁ ଇଚ୍ଛା ଥିବା ନିର୍ଦ୍ଦେଶକମାନଙ୍କ ତାଲିକାରେ ଥିଲେ।

## ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସର୍ଭିଙ୍କୁ ଜାଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ପ୍ରତିଦିନ ୨ଥର ସ୍ନାନ କରନ୍ତୁ। ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ। କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।

ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।

ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ଘରର ବଗିଚ୍ଛରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।

ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।

ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

# ଦୈନନ୍ଦିନ ଖାଦ୍ୟକୁ ଗୁରୁତ୍ୱ ଦେଲେ ଦୂର ହେବ ହୃଦଘାତ ସମସ୍ୟା



ହୃଦ୍‌ଘାତ ଆଜିକାଲିକା ସମୟ ପାଇଁ ଏକ ସାଧାରଣ କଥା। ଅନେକ ଲୋକଙ୍କର ଏହି ସମସ୍ୟାରେ ପ୍ରାଣହାନୀ ଘଟୁଛି। ଏହା ନିୟନ୍ତ୍ରଣାଧୀନ ନହେଲେ ନିମିଷକରେ ଜୀବନ ଚ୍ଛଲି ଯାଇପାରେ। ବିଶେଷ କରି ଖାଇବା ପିଇବାରେ ଅବହେଳା ହେତୁ ହୃଦ୍‌ଘାତ ହୋଇଥାଏ। ନିଜର ଠିକ୍ ଭାବେ ଯତ୍ନ ନେଲେ ଆପଣ ନିଜକୁ ହୃଦଘାତଠାରୁ ଦୂରେଇ ରଖିପାରିବେ। ଦୈନନ୍ଦିନ କାବ୍ରୋହାଇଡ୍ରେଟ୍ସ, ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ଫାଇବର୍ ଯୁକ୍ତ କିଛି ନା କିଛି ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଓଜନ କମାଇବାକୁ ଚ୍ଛହୁଁଥାନ୍ତି ତେବେ ପ୍ରୋଟିନ୍ ଖାଇବା ଟିକେ କମ୍ କଲେ ଚଳିବ। ମାତ୍ରାଧିକ ଓଜନ ମଧ୍ୟ ହୃଦ୍‌ଘାତର କାରଣ ହୋଇଥାଏ। ପ୍ରଚୁର ପରିମାଣର ଫଳ ଓ ସବୁଜ ପରିବା ଖାଆନ୍ତୁ। ବିଶେଷ କରି ଶାଗ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଓ ବିଭିନ୍ନ ପ୍ରକାରର ମଞ୍ଜି ଖାଦ୍ୟରେ ସାମିଲ୍ କରନ୍ତୁ। ଶସ୍ୟ ଜାତୀୟ ଖାଦ୍ୟ ଓ ମାଛ ଖାଇବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହିଥାଏ। ଜଣେ ସଂପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ହୃଦଘାତ କବଳିତ କରିପାରେ ନାହିଁ। ବିଶେଷ କରି ଘରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ବାହାର ଖାଦ୍ୟ ଯେତେ ନଖାଇବେ ସେତେ ଭଲ। ମନେ ରଖନ୍ତୁ ଆପଣଙ୍କର ଯଦି ସିଗାରେଟ୍ କିମ୍ୱା ମଦ୍ୟପାନର ଅଭ୍ୟାସ ଅଛି ତେବେ ଏହାକୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ। ଏସବୁ ମାନିବା ଦ୍ୱାରା ହୃଦ୍‌ଘାତକୁ ଏଡ଼ାଇ ଦିଆଯାଇପାରେ।

# ମା' ସମଲେଶ୍ୱରୀଙ୍କ ରହସ୍ୟ





ଜଗତଜନନୀ ମା' ସମଲେଶ୍ୱରୀଙ୍କ କେବଳ ପଶ୍ଚିମ ଓଡ଼ିଶାର ନୁହଁ ସାରା ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ । ସମ୍ବଲପୁରର ମହାନଦୀ କୂଳେ ମା' ସମଲେଶ୍ୱରୀ ପୂଜା ପାଉଛନ୍ତି । ମା'ଙ୍କ ନାମ ଅନୁସାରେ ସହରର ନାମ ସମ୍ବଲପୁର ହୋଇଛି । ମା' ସମଲେଶ୍ୱରୀଙ୍କ ପ୍ରଥମ ପୂଜା ବିନା ସହରର କୌଣସି ଶୁଭ କାର୍ଯ୍ୟ ଆରମ୍ଭ ହୋଇନଥାଏ । ମା' ଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ତାଜ୍ୟ ବାହାରୁ ହଜାର ହଜାର ଭକ୍ତ ଏଠାକୁ ଆସିଥାନ୍ତି ଫଏହି ପୀଠରେ ମା' ସମଲେଶ୍ୱରୀଙ୍କ ୩ ଟି ମୁଖ୍ୟ ପର୍ବ ପାଳନ କରାଯାଇଥାଏ। ଗୋଟିଏ ହେଉଛି ନୂଆଖାଇ , ଆଉ ଦୁଇଟି ହେଉଛି ମା' ଙ୍କ ନବରାତ୍ରୀ ପୂଜା ଫ ନୂଆଖାଇ ଦିନ ପ୍ରଥମ ଅନ୍ତ ସମର୍ପଣ କରିବା ପରେ ହିଁ ପଶ୍ଚିମ ଓଡ଼ିଶାର ସମସ୍ତେ ନୂଆ ଖାଇଥାନ୍ତି। ଏହିଠାରେ କରାଯାଉଥିବା ପ୍ରଥମ ନବରାତ୍ରୀ ଯାହା ମାର୍ଚ୍ଚ- ଏପ୍ରିଲ ମାସରେ ଓ ଅନ୍ୟଟି ସେପ୍ଟମ୍ବର ଓ ଅକ୍ଟୋବର ମାସରେ ପାଳନ କରାଯାଇଥାଏ। ନବରାତ୍ରୀରେ ନଅ ଦିନ ଯାକ ଲଗାତର ଭାବେ ମା' ସମଲେଶ୍ୱରୀ ପୂଜା ପାଇ ଥାନ୍ତି । କିମ୍ବଦନ୍ତୀ ଅନୁସାରେ ବହୁ ପ୍ରକାର କଥା ଶୁଣିବାକୁ ମିଳିଥାଏ । ତନ୍ମଧ୍ରୁ ଗୋଟିଏ ହେଉଛି ସେତେବେଳର ସମ୍ବଲପୁର ରାଜା ଦିନେ ଶିକାର କରିବାକୁ ବାହାରିଥିଲେ। ସେହି ସମୟରେ ରାଜା ଏକ ଅଦ୍ଭୁଦ ଘଟଣା ଦେଖିବାକୁ ପାଇଥିଲେ ।।ରାଜାଙ୍କ କୁକୁର ପଛରେ ଏକ ଠେକୁଆ ଗୋଡ଼ାଇଥିଲା ।ରାଜା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ଗୋଟିଏ ଠେକୁଆ କିପରି କୁକୁର ପଛରେ ଗୋଡ଼ାଉଅଛି । ସେ ଏହା ଭାବି ଠେକୁଆର ପଛେପଛେ ଗଲେ ଯ ସେତେବେଳେ ରାଜା ଏକ ଶିମିଳି ଗଛ ଦେଖିଲେ । ଯେଉଁଠି ମା' ସମଲେଶ୍ୱରୀଙ୍କୁ ଆଦିବାସୀ ମାନେ ସେଠାରେ ପୂଜା କରୁଥିଲେ। ରାଜା ସେତେବେଳେ ମା' ସମଲେଶ୍ୱରୀଙ୍କୁ ନିଜ ଇଷ୍ଟ ବୋଲି ମାନିନେଇଥିଲେ ଓ ସେଠାରେ ଏକ ମନ୍ଦିର ତୋଳାଇଥିଲେ। ଏହିଠାରେ ଭକ୍ତ ମାନେ ଭୋର ସାଢେ ୪ ଟାରୁ ଆସି ମା'ଙ୍କ ପୂଜା କରିଥାନ୍ତି ।ଏହି ମନ୍ଦିରରେ ୧୨ ଜଣ ପାଶ୍ୱର୍ ଦେବା ଦେବୀଙ୍କ ସହିତ ବାବା ଭୈରବ ଏହି ମନ୍ଦିରକୁ ଯଗି ଅଛନ୍ତି । କୁହାଯାଏ ମା ସମଲେଶ୍ୱରୀଙ୍କ ଦର୍ଶନ କରିବା ସାଙ୍ଗରେ ବାବା ଭୈରବଙ୍କ ଦର୍ଶନ କରିବା ଅତି ଆବଶ୍ୟକ । ବିନା ବାବାଙ୍କ ଦର୍ଶନରେ ମା' ସମଲେଶ୍ୱରୀଙ୍କ ଦର୍ଶନ ସଫଳ ହୋଇନଥାଏ।



# ମାନସିକ ଦୁଶ୍ଚିନ୍ତା ଦୂର କରେ ଦହି



କ୍ଷୀରରୁ ପ୍ରସ୍ତୁତ ଅନେକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ଏହା ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ। ଏଥିରେ ପୁଷ୍ଟିଯୁକ୍ତ, ଭିଟାମିନ,ପ୍ରୋଟିନ ଓ କ୍ୟାଲସିୟମ ଭଳି ଅତ୍ୟାବଶ୍ୟକ ପୋଷକତ□ ରହିଛି। ଏହା ମଧ୍ୟରୁ ଦହି ହେଉଛି ଗୋଟିଏ। ଦହିର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ବିଶେଷ କରି ଖରାଦିନେ ନିୟମିତ ନିଜ ଖାଦ୍ୟରେ ଦହି ସାମିଲ କରନ୍ତୁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର ହୋଇଥାଏ। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ।

ଗବେଷଣାରୁ ଜଣାପଡିଛି, ଦହିରେ ଅନେକ ପୋଷକ ତ□ ରହିଛି। ଯାହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏଥିରେ କ୍ୟାଲସିୟମର ମାତ୍ରା ଖୁବ ଅଧିକ ଥିବାରୁ ହାଡ ପାଇଁ ଖୁବ ଉପକାରୀ। ହାଡକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ଏକ କପ ଦହିରୁ ଦୈନିକ କ୍ୟାଲସିୟମର ମାତ୍ରା ଆବଶ୍ୟକ ଅନୁଯାୟୀ ୪୯ ପ୍ରତିଶତ ମିଳିଥାଏ। ଜାଣନ୍ତୁ ଖରାଦିନେ ନିୟମିତ ଦହି ଖାଇଲେ କି କି ଲାଭ ମିଳିଥାଏ। ଗବେଷଣାରୁ ଜଣାପଡିଛି, ଦହି ହାଲକା ମାତ୍ର ଅନେକ ପୁଷ୍ଟିଯୁକ୍ତ। ଏହା ଶରୀରରେ ଜଳୀୟଅଂଶ ମାତ୍ରାକୁ ସଠିକ ରଖିବା ସହ ଶକ୍ତି ଯୋଗାଇଥାଏ। ଖରାଦିନେ ଦହି ଖାଇବା ଦ୍ୱାରା ଖରାରର କୁପ୍ରଭାବରୁ ରକ୍ଷା ମିଳିଥାଏ। ଶରୀରକୁ ଭିତରୁ ସତେଜ ରଖିବା ସହ କାର୍ଯ୍ୟକରିବାକୁ ଇଚ୍ଛାଶକ୍ତି ବୃଦ୍ଧି କରିଥାଏ। ଦହି ସେବନ ଦ୍ୱାରା ଶରୀରରେ ଉତ୍ତମ ବ୍ୟାକ୍ଟେରିଆ ବୃଦ୍ଧି ହୋଇଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ। ପେଟ ଜନିତ ଅନେକ ସମସ୍ୟା ଦୂର କରିଥାଏ। ଏହାସହ କୋଷ୍ଠକାଠିନ୍ୟ, ବଦହଜମି, ପେଟରେ ଜଳାପୋଡା ଅନୁଭବ ହେବା ମଧ୍ୟ ଦୂର ହୋଇଥାଏ। ଖରାଦିନେ ତ୍ୱଚ୍ଛ ପାଇଁ ଧ୍ୟାନ ଦେବା ମଧ୍ୟ ଆବଶ୍ୟକ। ତେଣୁ ଏହି ସମୟରେ ଦହି ସେବନ କରିବା ଏକ ଉତ୍ତମ ବିକଳ୍ପ। ଦହି ଖାଇବା ସହ ଏହାକୁ ତ୍ୱଚ୍ଛରେ ମଧ୍ୟ ଲଗାଇପାରିବେ। ଖରାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଦହିର ଫେସପ୍ୟାକ ମଧ୍ୟ ବ୍ୟବହାର କରିପାରିବେ। ଏହା ମୁହଁର କୋଷିକାକୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ। ମାନସିକ ଦୁଶ୍ଚିନ୍ତା ଓ ବ୍ୟତିବ୍ୟସ୍ତ ରହୁଥିବା ବ୍ୟକ୍ତି ବିଶେଷ ଦୈନିକ ନିଜ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଦହି ମସ୍ତିଷ୍କକୁ ଶାନ୍ତ କରିବାରେ ସହାୟକ ହୋଇଥାଏ।

# ଦେଶର ପ୍ରଥମ ସବୁଜ କ୍ୟାମ୍ପସ୍ ହେଲା ଓଡ଼ିଶା ଲୋକଭବନ

ଭୁବନେଶ୍ୱର,୮।୯ (ମହାଭାରତ): ଭୁବନେଶ୍ୱରସ୍ଥିତ ଓଡ଼ିଶା ଲୋକ ଭବନ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି)ର ଗ୍ରୀନ୍ କ୍ୟାମ୍ପସ ରେଟିଂ ସିଷ୍ଟମ୍ ଅଧୀନରେ ପ୍ଲାଟିନମ୍ ପ୍ରମାଣପତ୍ର ହାସଲ କରି ଦେଶର ପ୍ରଥମ ପ୍ଲାଟିନମ୍ ପ୍ରମାଣପତ୍ରପ୍ରାପ୍ତ ଲୋକ ଭବନ ହୋଇଛି। ଏହା ସ୍ଥାୟୀ ଓ ପରିବେଶ ଅନୁକୂଳ ଭିତିଭୂମି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଲୋକ ଭବନର ନ୍ୟୁ ଅଭିଷେକ ହଲ୍ ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିବିସିର ଜାତୀୟ ଅଧ୍ୟକ୍ଷ ସି. ଶେଖର ରେଡ୍ଡୀଙ୍କଠାରୁ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରମାଣପତ୍ର ଗ୍ରହଣ କରିଥିଲେ। ଲୋକ ଭବନ ୧୦୦ରୁ ୮୮ ଅଙ୍କ ହାସଲ କରି ଆଇଜିବିସି ରେଟିଂ ବ୍ୟବସ୍ଥାର ସର୍ବୋଚ୍ଚ ବର୍ଗରେ ସ୍ଥାନ ପାଇଛି।

ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଜ୍ୟପାଳ ଡ. କମ୍ଭମପାଟି ଏହି ସ୍ୱୀକୃତିକୁ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହ ଲୋକ ଭବନକୁ ସବୁଜ ପରିସରରେ ପରିଣତ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସର ଏହା ଫଳ ବୋଲି କହିଥିଲେ। ରାଜ୍ୟପାଳ କହିଥିଲେ ଯେ ସବୁଜିମା, ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାର, ବୈଦ୍ୟୁତିକ ଯାନର ବ୍ୟବହାର ସମେତ ବିଭିନ୍ନ ପଦକ୍ଷେପକୁ ଏହି ପ୍ରମାଣପତ୍ରରେ ସ୍ୱୀକୃତି ମିଳିଛି। ଯେଉଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା, ଲୋକ ଭବନ ପକ୍ଷରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଶେଷରେ ଆମେ ସର୍ବୋଚ୍ଚ ରେଟିଂ ହାସଲ କରିପାରିଛୁ।"



ଆଗାମୀ ଦିଲ୍ଲୀ ଗସ୍ତ ସମୟରେ ସେ ଏହି ପ୍ରମାଣପତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖାଇବେ ବୋଲି ଡ. କମ୍ଭମପାଟି କହିଥିଲେ। ଏହି ସଫଳତା ଅନ୍ୟାନ୍ୟ ଅନୁଷ୍ଠାନକୁ ମଧ୍ୟ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ସହ ସବୁଜ ପ୍ରମାଣପତ୍ର ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଲୋକ ଭବନ ବାହାରେ ମଧ୍ୟ ଏହି ସବୁଜ ବାର୍ତ୍ତାକୁ ପହଂଚାଇବା ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କୁ ସବୁଜ ପ୍ରମାଣପତ୍ର ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ପରିବେଶ ସଚେତନତା ସୃଷ୍ଟିରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧିକ ଭୂମିକା ନେଇପାରିବେ ବୋଲି ସେ କହିଥିଲେ। ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବାରୁ ସେମାନେ ପରିବେଶ ସୁରକ୍ଷାର ଆମ୍ବାସଡର ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ।

ଲୋକ ଭବନରେ ନିଆଯାଇଥିବା ଅକ୍ଷୟ ଶକ୍ତି ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ପରିସରରେ ବର୍ତ୍ତମାନ ୬୩୫ କିଲୋୱାଟ୍ ପିକ୍ ସୌର ଶକ୍ତି କ୍ଷମତା ସମ୍ପନ୍ନ ସିଷ୍ଟମ ସ୍ଥାପିତ ହୋଇଥିବା ସେ କହିଥିଲେ। ଘର ଓ ବିଭିନ୍ନ ଅନୁଷ୍ଠାନରେ ଅଧିକରୁ ଅଧିକ ରୁଫ ଟପ ସୋଲାର ସିଷ୍ଟମ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଜର୍ମାନୀରେ ବର୍ଷକୁ ପ୍ରାୟ ୧୦୦ ଦିନ ସୂର୍ଯ୍ୟକିରଣ ମିଳେ, ତଥାପି ସେଠାରେ ସୌର ଶକ୍ତିର ବ୍ୟବହାର କରାଯାଉଛି। ଆମ ପାଖରେ ବର୍ଷକୁ ପ୍ରାୟ ୩୦୦ ଦିନ ସୂର୍ଯ୍ୟକିରଣ ମିଳେ। ଯଦି ଆମେ ଏହି ଶକ୍ତିର ଉପଯୋଗ ନକରିବା, ତେବେ ଏହା ଏକ ଅପରାଧ ହେବ।

ଏହାର ସବୁଜ ରୂପାନ୍ତରଣର ଅଂଶ ଭାବରେ, ଓଡ଼ିଶା ଲୋକ ଭବନ ମଧ୍ୟ ଏକ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ କାରକେଡ୍ ଗ୍ରହଣ କରିଛି, ଯାହା ଏହାକୁ ଦେଶର ପ୍ରଥମ ଲୋକ ଭବନ କରିଛି ଯେଉଁଥିରେ ରାଜ୍ୟପାଳଙ୍କ କାରକେଡ୍କୁ ସମ୍ପୂର୍ଣ୍ଣ ଭାବରେ ବୈଦ୍ୟୁତିକ ଯାନରେ ପରିବର୍ତ୍ତନ କରାଯାଇଛି। ଅକ୍ଷୟ ଶକ୍ତି ବ୍ୟବହାରକୁ ଆହୁରି ବଢ଼ାଇବା ପାଇଁ ଲୋକ ଭବନ ପରିସରରେ ଛୋଟ ଉଇଣ୍ଡ ମିଲ (ପବନ ଚକି) ସ୍ଥାପନ କରିବାକୁ ମଧ୍ୟ ଯୋଜନା ରହିଛି। ଅକ୍ଷୟ ଶକ୍ତିର ବ୍ୟବହାର ବଢ଼ିଲେ ପରିସରକୁ ସ୍ୱଚ୍ଛ ଶକ୍ତି ଆଡ଼କୁ ଆହୁରି ଦୃଢ଼ତାର ସହ ନେବା ସମ୍ଭବ ହେବ ବୋଲି ରାଜ୍ୟପାଳ କହିଥିଲେ।

# ସୋଆ ଏନଏସଏସ ପକ୍ଷରୁ ରିଲିଫ ବଂଟନ

ଭୁବନେଶ୍ୱର,୮।୯ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ ) ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏନ ଏସ ଏସ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରଭାବିତ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ଗ୍ରାମରେ ରିଲିଫ ସାମଗ୍ରୀ ବଂଟନ




କରାଯାଇଛି। ଏହି ଗ୍ରାମଟି ଅଧିକ ବନ୍ୟା ପ୍ରଭାବିତ ହୋଇଛି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ , ଇନଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର ) ଓ ସମ୍ ନର୍ସିଂ କଲେଜ କ୍ୟାମ୍ପସ୍-୧ର ଏନ ଏସ ଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡା, ବିସ୍କୁଟ, ଓଆରଏସ, ସାନିଟାରୀ ଜିନିଷ, ମହମବତୀ, ଦିଆସିଲି, ମଶା ଧୂପ, ପାଣି ବୋତଲ ଆଦି ବଂଟନ କରାଯାଇଥିଲା। ରିଲିଫ ବଂଟନ କାର୍ଯ୍ୟରେ ବାଛରା ଗ୍ରାମର ସରପଂଚ ଶ୍ରୀ ଲିପୁ ରାଉତ ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ବହୁତ ମାତ୍ରାରେ ସହଯୋଗ କରିଥିଲେ। ଉକ୍ତ ରିଲିଫ ବଂଟନ କାର୍ଯ୍ୟକ୍ରମକୁ ସୋଆର କୃଷି ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ଡ଼ଃ ସତ୍ୟ ନାରାୟଣ ଶତପଥୀ ଓ ବିଶ୍ୱ ବିଦ୍ୟାଳୟ ଏନଏସଏସ କର୍ମଚାରୀ ଶ୍ରୀ ରାଜ ଶେଖର ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଏନଏସ ଏସର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ କମଳ ଲୋଚନ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପାଦିତ ହୋଇଛି।

# ଖୋର୍ଦ୍ଧା ରୋଡମଣ୍ଡଳରେ ହିନ୍ଦୀ ପଖୱାଡ଼ା ଉଦ୍‌ଘାଟିତ

ଭୁବନେଶ୍ୱର,୮।୯ (ମହାଭାରତ): ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସେପ୍ଟେମ୍ବର ୦୧ରୁ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ 'ହିନ୍ଦୀ ପଖୱାଡ଼ା–୨୦୨୬' ପାଳନ କରାଯାଉଛି। ରେଳ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ରାଜଭାଷା



ହିନ୍ଦୀର ପ୍ରଚାର ଓ ପ୍ରସାର କରିବା ସହ ସରକାରୀ କାର୍ଯ୍ୟରେ ଏହାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି ପଖୱାଡ଼ାର ମୁଖ୍ୟ ଉଦ୍ଦେଶ୍ୟ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମା' ସରସ୍ୱତୀଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି 'ହିନ୍ଦୀ ପଖୱାଡ଼ା–୨୦୨୬'ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପ୍ରଭାବଶାଳୀ ଯୋଗାଯୋଗ, ଜାତୀୟ ଏକତା ତଥା ନିଜର ଚିନ୍ତାଧାରା ଓ ଭାବନାର ଅଭିବ୍ୟକ୍ତିର ମାଧ୍ୟମ ଭାବେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସରକାରୀ କାର୍ଯ୍ୟରେ ହିନ୍ଦୀର ଅଧିକରୁ ଅଧିକ ବ୍ୟବହାର କରିବା ସହ ହିନ୍ଦୀ ପଖୱାଡ଼ା ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରସାର ଓ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଦୈନନ୍ଦିନ ସରକାରୀ ଯୋଗାଯୋଗରେ ସ୍ୱାଭାବିକ ଓ ନିରନ୍ତର ଭାବେ ହିନ୍ଦୀ ବ୍ୟବହାର କରିବାକୁ ସେ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। କେବଳ ହିନ୍ଦୀ ପଖୱାଡ଼ା ପାଳନ କରିବାରେ ନୁହେଁ, ବରଂ ଏହାର ନିୟମିତ ଓ ଅର୍ଥପୂର୍ଣ୍ଣ ବ୍ୟବହାର ଦ୍ୱାରା ହିଁ ହିନ୍ଦୀ ପ୍ରତି ପ୍ରକୃତ ସମ୍ମାନ ପ୍ରକାଶ ପାଇଥାଏ ବୋଲି ସେ କହିଥିଲେ। ହିନ୍ଦୀ ପଖୱାଡ଼ା ଅବଧିରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ରାଜଭାଷା ବିଭାଗ ପକ୍ଷରୁ ରେଳ କର୍ମଚାରୀମାନଙ୍କ ପାଇଁ ହିନ୍ଦୀ ନୋଟିଂ ଓ ଡ୍ରାଫ୍ଟିଂ, ହିନ୍ଦୀ ପ୍ରବଚନ ଏବଂ ହିନ୍ଦୀ କର୍ମଶାଳା ଭଳି ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ମହିଳା ସୁରକ୍ଷା ଓ ସଶକ୍ତୀକରଣ ପାଇଁ ୨୨ ରାଜ୍ୟ ଏକାଠି

ଭୁବନେଶ୍ୱର,୮।୯ (ମହାଭାରତ): ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ 'ଶକ୍ତି ସମ୍ମିଳନୀ'ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି। ସମାବେଶକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ମହିଳା ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ଭିନ୍ନ ଭିନ୍ନ ଭାବେ ଦେଖାଯାଇପାରିବ ନାହିଁ। ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ସାମୂହିକ ଉତରଦାୟିତ୍ୱ ମାଧ୍ୟମରେ ଏଗୁଡ଼ିକ ସହ-ସମ୍ବନ୍ଧିତ ହୋଇ ଆଗେଇବା ଆବଶ୍ୟକ। କେନ୍ଦ୍ର ଓ




ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିବା, ସମନ୍ୱୟ ବୃଦ୍ଧି କରିବା ଏବଂ ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସୁଯୋଗ ସହ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି। ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ନିଜର ସଫଳ ପଦକ୍ଷେପ ବାଣ୍ଟିବା, କାର୍ଯ୍ୟକାରିତାରେ ଥିବା ଅଭାବକୁ ଚିହ୍ନଟ କରିବା ଏବଂ ଅଧିକ ଆନୁଷ୍ଠାନିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କୌଶଳ ବିକଶିତ କରିବା ପାଇଁ ଏକ ଜାତୀୟ ମଂଚ ଯୋଗାଇଦେଉଛି। ସମାରୋହରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବିଜୟା ରାହଟକର ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶସାରା ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଆଗକୁ ନେବା ପାଇଁ ଅଧିକ ସୁଦୃଢ଼ ଏବଂ ନିରନ୍ତର ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ଜାତୀୟ ମହିଳା ଆୟୋଗର ସଦସ୍ୟ ସଚିବ ଶ୍ରୀ ସୁଦୀପ ଜୈନ, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦାର୍ସୱାଲ ଏବଂ ମିଶନ ଶକ୍ତିର ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ନାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ସିକିମ, ତାମିଲନାଡ୍ରୁ, ତ୍ରିପୁରା, ଉତର ପ୍ରଦେଶ, ଉତରାଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ଚଣ୍ଡୀଗଡ଼ ଏବଂ ତେଲେଙ୍ଗାନା ସମେତ ୨୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସଚିବ, କମିଶନର, ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପଦବୀର ୨୯ ଜଣ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ପ୍ରମୁଖ ସାଂସ୍କୃତିକ ଦଳ

ଭୁବନେଶ୍ୱର,୮।୯ (ମହାଭାରତ): ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଂଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। ରାଷ୍ଟ୍ରପତି ଭବନରେ ପହଂଚିବା ପରେ କଳାକାରମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନିକଟରେ ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପାରମ୍ପରିକ



କଳା ପ୍ରଦର୍ଶନରେ ମହାମହିମ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯୦ରୁ ଊର୍ଦ୍ଧ୍ୱ କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ମହାମହିମ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ମହାମହିମ ରାଷ୍ଟ୍ରପତି ପ୍ରଶଂସା କରିଥିଲେ।କାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି । ରାଷ୍ଟ୍ରପତି ଭବନ ପରିଦର୍ଶନ, ମହାମହିମ ରାଷ୍ଟ୍ରପତିଙ୍କ ସହ ଅଧଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

# ରାହୁଲ ଗାନ୍ଧୀଙ୍କ ନାମରେ ଏତଲା ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର,୮।୯ (ମହାଭାରତ): ଉତରାଖଣ୍ଡର ବିଜେପି ନେତା ଓ କର୍ମୀ ଏବଂ ଏକ ଗୈରିକ ସଂଗଠନ ପକ୍ଷରୁ ଲୋକସଭାର ବିରୋଧିଦଳର ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ନାମରେ ଦେଇଥିବା ଏତଲା ପ୍ରତିବାଦରେ ମଙ୍ଗଳବାର ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ମହିଳା କଂଗ୍ରେସ କର୍ମୀମାନେ ଏକ ରାଲିରେ ଆସି ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମୀତ ଶାହାଙ୍କର କୁଶପୁତଳିକା ଦାହ କରିଥିଲେ । ଏଥିସହ ମନସ୍ମୃତି ଫଟୋ ଥିବା ବ୍ୟାନରରେ ଛକି ଚିହ୍ନ ଦେଇ ପ୍ରଦର୍ଶନ କରାଯାଇଥିଲା। ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଆମେ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନକୁ ସମ୍ମାନ କରୁ ଏବଂ ସମ୍ବିଧାନରେ ନିର୍ଦ୍ଦେଶିତ ପଥକୁ ଅନୁସରଣ କରୁ । ମନସ୍ମୃତି ମଣିଷ ଭିତରେ ଉଚ୍ଚନିଚ୍ଚ ଭେଦଭାବକୁ ଜାହିର କରିଥାଏ । ଆଜିର



ଦିନରେ ମନସ୍ମୃତି ଗ୍ରହଣୀୟ ହୋଇନାହିଁ ।ଉତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲିଳା ମଇଦାନରେ ଏକ ସଭାକୁ ଅଗଷ୍ଟ ୮ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ସମ୍ବୋଧିତ କରିଥିଲେ । ଅଗଷ୍ଟ ୧୧ ତାରିଖ ଦିନ ଭାରତୀୟ ଜନତାପାର୍ଟିର ପ୍ରରୋଚନାରେ ଏକ ଗୈରିକ ସଂଗଠନ ରାମଲୀଳା ମଇଦାନ ସଭାସ୍ଥଳରେ ଗଙ୍ଗାଜଳ ଓ ଗୋମୂତ୍ର ଛିଂଚନ ଏବଂ ହୋମ କରି ଶୁଦ୍ଧିକରଣ କରିଥିଲେ । କାରଣ ଖର୍ଗେ ଜଣେ ଦଳିତ ବର୍ଗର ଲୋକ । ବିଜେପି ଏହାର ସହଯୋଗୀ ଗୈରିକ ସଂଗଠନ ଦଳିତଙ୍କୁ ଘୃଣା କରନ୍ତି । କାର୍ଯ୍ୟକ୍ରମରେ ପ୍ରଣତୀ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ସୁନୀତା ବିଶ୍ୱାଳ, ଅମୀଶା ସାମନ୍ତରାୟ, ଶ୍ରୀୟାସ୍ମିତା ପଣ୍ଡା, ଜୟସ୍ମିତା ମହାନ୍ତି, ଜବାମଣି ଟୁଡ୍ଡୁ, ସିଲି ସେଠୀ, କଳ୍ପନା ଆପଟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବିଜୟ ମିଶ୍ର ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ

ଭୁବନେଶ୍ୱର,୮।୯ (ମହାଭାରତ): ଭାରତୀୟ ରେଳ ଆକାଉଂଟସ ସର୍ଭିସ୍ (ଆଇଆରଏଏସ୍ )ର ୧୯୯୧ ବ୍ୟାଚ୍ ର ବରିଷ୍ଠ ଅଧିକାରୀ ବିଜୟ କୁମାର ମିଶ୍ର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଇଛନ୍ତି। ରେଳ ଆର୍ଥିକ ପରିଚାଳନା, ପ୍ରକଳ୍ପ ପରିଚାଳନା, ଟ୍ରେନ୍ ପରିଚାଳନା ଓ ପ୍ରଶାସନ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ଶ୍ରୀ ମିଶ୍ର ଭାରତୀୟ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ବର୍ତମାନ ସେ ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ପଦରେ ସେ ଆକାଉଂଟସ, ଫାଇନାନ୍ସ, ବଜେଟ୍ ପରିଚାଳନା ଏବଂ ଆଭ୍ୟନ୍ତରୀଣ ଅଡିଟ୍ ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନେତୃତ୍ୱ ଦେଉଛନ୍ତି। ପୂର୍ବତଟ ରେଳପଥ ଭାରତୀୟ ରେଳବାଇର ସର୍ବାଧିକ ଆୟକାରୀ ଜୋନ୍ ମାନଙ୍କ ମଧ୍ୟରୁ ଅନ୍ୟତମ।

ଏହାପୂର୍ବରୁ ଶ୍ରୀ ମିଶ୍ର ଉତର-ପୂର୍ବାଂଚଳ ସୀମାନ୍ତ ରେଳବାଇର ତିନସୁକିଆ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଂ ମଣ୍ଡଳରେ ସେ ସଫଳତାର ସହ ପ୍ରଶାସନିକ ଓ ପରିଚାଳନାଗତ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟେସନ୍ ସମୟରେ ସେ ଆଇଆରସିଓଏନ୍ ଇଂଟରନ୍ୟାସନାଲ ଲିମିଟେଡ୍ ର କୁଆଲାଲାମ୍ପୁର (ମାଲେସିଆ) ପ୍ରକଳ୍ପରେ ପ୍ରୋଜେକ୍ଟ ଫାଇନାନ୍ସ ହେଡ୍ ଭାବେ କାର୍ଯ୍ୟ କରି ଆନ୍ତର୍ଜାତୀୟ ସ୍ତରର ବୃହତ୍ ରେଳ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନାରେ ନେତୃତ୍ୱ ପ୍ରଦାନ କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ, ଶ୍ରୀ ମିଶ୍ର ଆଇଆଇଟି (ଆଇଏସଏମ), ଧନବାଦରୁ ଆପ୍ଲାଏଡ୍ ଜିଓଲୋଜିରେ ପୋଷ୍ଟଗ୍ରାଜୁଏଟ୍ ଡିଗ୍ରୀ ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଲି କୁଆନ୍ ୟୁ ସ୍କୁଲ୍ ଅଫ୍ ପବ୍ଲିକ ପଲିସିରୁ ପବ୍ଲିକ ପଲିସିରେ ମାଷ୍ଟର୍ସ (ଏମପିପି) ହାସଲ କରିଛନ୍ତି। ଏହା ସହିତ ସେ ଲଣ୍ଡନ ଓ ପ୍ୟାରିସର ୟୁରୋପୀୟ ସ୍କୁଲ୍ ଅଫ୍ ବିଜନେସରେ ଆର୍ଥିକ ପରିଚାଳନା ଏବଂ ଚୀନର ବେଜିଂ ଜିଆଓଟୋଙ୍ଗ ବିଶ୍ୱବିଦ୍ୟାଳୟରେ ହେଭି ହଲ୍ ରେଳ ଟେକ୍ନୋଲୋଜି ଉପରେ ଉନ୍ନତ ବୃତିଗତ ପ୍ରଶିକ୍ଷଣ ମଧ୍ୟ ଗ୍ରହଣ କରିଛନ୍ତି।

# ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ: ବିଜେଡି

ଭୁବନେଶ୍ୱର,୮।୯ (ମହାଭାରତ): ଏମଏମଡିଆର ସଂଶୋଧନ ଆକ୍ଟ ୨୦୨୬ ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି କହି ପୁଣି ବିଜେପି ଉପରେ ବର୍ଷିଛି । ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ବେଳେ ବିଜେପି ସାଂସଦ ମାନେ ଏହାକୁ ସମର୍ଥନ କରିଥିଲେ, ଯେଉଁଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର କହିଥିଲେ, ଏମଏମଡିଆର ଆକ୍ଟ ମାଧ୍ୟମରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କର ଅଧିକାର ସବୁଦିନ ପାଇଁ କେନ୍ଦ୍ର ସରକାର ଛଡାଇ ନେଲା । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନଅ ଜଣିଆ ଖଣ୍ଡପୀଠ ଦ୍ୱାରା ୨୫ ଜୁଲାଇ ୨୦୨୬ରେ ପ୍ରଦାନ କରାଯାଇଥିବା ଜଜମେଣ୍ଟରେ ରାଜ୍ୟ ମାନେ ଖଣି ଓ ଖଣି ଥିବା ଜମି ଉପରେ ଟିକସ ଓ ଲେଭି ଲଗାଇ ପାରିବେ । ଏହାଛଡ଼ା ୨୦୦୫ ମସିହାରୁ ଟିକସ ଲେଭି ବାବଦକୁ ବାକି ଥିବା ଟିକସକୁ ମଧ୍ୟ ଆଦାୟ ହେବ ବୋଲି କହିଥିଲେ । ଏହି ଜଜମେଣ୍ଟ ଅନୁଯାୟୀ ବକେୟା ବାବଦକୁ ଓଡିଶା ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱର୍ ଟଙ୍କା ପାଇବାକୁ ହକଦାର ହୋଇଥିଲା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ମିଳିବ ବୋଲି ପଥ ପରିଷ୍କାର ହୋଇଥିଲା । ଏମଏମଡିଆର ସଂଶୋଧନ ଆକ୍ଟ ହେବା ପରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କ ଅଧିକାର




ସବୁଦିନ ପାଇଁ ଛଡାଇ ନିଆଗଲା । ଏହା ସହିତ ବକେୟା ବାବଦକୁ ପାଇବାକୁ ଏକ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ସବୁଦିନ ପାଇଁ ହରାଇଲା । ଡ. ମିଶ୍ର କହିଥିଲେ, ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ଏହି ଆକ୍ଟ ବିରୋଧରେ ମୁହଁ ଖୋଲିବା ପାଇଁ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ ବିଜେପି ସାଂସଦ ମାନଙ୍କୁ ଚିଠି ଲେଖିଥିଲେ । ବିଜେପି ନେତାମାନେ ଏହି ଆକ୍ଟ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ଯୁକ୍ତି ବାଢୁଛନ୍ତି । କିନ୍ତୁ, ନଭେମ୍ବର ୨୦୨୫ ରେ ପ୍ରକାଶିତ ଓଡିଶା ରିଭ୍ୟୁରେ, ଖଣି ବକେୟା ବାବଦକୁ ଓଡିଶା ଏକ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ଓଡିଶା ପାଇବାକୁ ଯାଉଥିବା ବେଳେ ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି କୁହାଯାଇଥିଲା । ଏହାଛଡା, ଓଡ଼ିଶା ସରକାରଙ୍କ ତରଫରୁ ଓଡିଶାର ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆଫିଡେଫିଟ ମାଧ୍ୟମରେ କହିଥିଲେ, ବକେୟା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟ ଓ ଏହା ନମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ । ଡ. ମିଶ୍ର ଆହୁରି ମଧ୍ୟ କହିଥିଲେ, ଉଭୟ ଓଡିଶା ରିଭ୍ୟୁ ଓ ଆଡ଼ଭୋକେଟ ଜେନେରାଲଙ୍କ ଅଫିଡେଫିଟରେ ଖଣି ଟିକସ ଓ ବକେୟା ବାବଦକୁ ମିଳିବାକୁ ଥିବା ଟଙ୍କା ଓଡ଼ିଶାର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିବା ବେଳେ ଏବେ ବିଜେପି ନେତା ମାନେ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢୁଛନ୍ତି ।

# କଂଗ୍ରେସ ଗୋଷ୍ଠୀ କନ୍ଦଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ଦେଶର ସର୍ବାଧିକ ଲୋକପ୍ରିୟ ନେତା ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଦ୍ୱିତୀୟ ସ୍ଥାନରେ ଅଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଏହା ସ୍ୱାଭାବିକ। କିନ୍ତୁ ଲୋକପ୍ରିୟ ନେତା ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ। ଏହା ସବୁଠାରୁ ବିସ୍ମୟ। ଥାଲାପତି ଜଣେ ଅଭିନେତା ଏବଂ ଆଞ୍ଚଳିକ ନେତା। ତାମିଲନାଡୁ ବ୍ୟତିତ ତାଙ୍କର ଅନ୍ୟ ରାଜ୍ୟରେ ବା ସାରା ଦେଶରେ ଲେଶକପ୍ରିୟତା ଅଛି ବୋଲି କହିବା ଏବଂ ସେ ପ୍ରଧାନମନ୍ତ୍ରୀ ପଦ ଲାଗି ତୃତୀୟ ଦାବିଦାର ବୋଲି ବିଚାର କରିବା ଭୁଲ। ଯଦି କେହି ଆଞ୍ଚଳିକ ଦଳର ନେତା ସାରା ଦେଶରେ ଲୋକପ୍ରିୟ ବା ଜାତୀୟ ରାଜନୀତିରେ ନେତୃତ୍ୱ ନେବାକୁ ଯୋଗ୍ୟ ବୋଲି ପ୍ରଶ୍ନ କରାଯାଏ ତେବେ ଏଥିରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଆସିବେ। ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇନାହାଁନ୍ତି। ତେଣୁ ସେ ସାରା ଦେଶରେ କିପରି ତୃତୀୟ ସର୍ବାଧିକ ଲୋକପ୍ରିୟ ନେତା ହୋଇପାରିବେ? ବରଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ସ୍ଥାନ ନେଇପାରନ୍ତି। ଏପରିକି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ଥାଲାପତି ବିଜୟଙ୍କଠାରୁ ଅଧିକ ଚର୍ଚ୍ଚିତ ଏବଂ ଲୋକପ୍ରିୟ ବୋଲି କୁହାଯାଇପାରେ। ଏହା ବ୍ୟତିତ ବିଜେପିରେ ଅନ୍ୟ କିଛି ନେତା ଅଛନ୍ତି ଯେଉଁମାନେ ଜାତୀୟ ସ୍ତରରେ ବେଶ ଲୋକପ୍ରିୟ। ସେମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିବେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପରେ ଆସିବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନଭିସ। ସେମାନଙ୍କୁ ପଛରେ ପକାଇ ଥାଲାପତି ଦେଶର ତୃତୀୟ ସର୍ବାଧିକ ଲୋକପ୍ରିୟ ନେତା ବୋଲି କହିବା ଗ୍ରହଣ ଯୋଗ୍ୟ ଲାଗୁନି। ସର୍ଭେ ରିପୋର୍ଟରେ ଏନଡିଏକୁ ୩୨୬ ଆସନ ମିଳିବ ଏବଂ ଏକାକି ବିଜେପି ୨୬୬ ଆସନ ପାଇବ ବୋଲି ଯାହା ଆକଳନ କରାଯାଇଛି ତାହା ନିହାତି ଭୁଲ ନୁହେଁ। ଏବେ ନିର୍ବାଚନ ହେଲେ ୟୁପି, ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆସାମ, ଗୁଜରାଟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ବିଜେପି ଭଲ ପ୍ରଦର୍ଶନ କରିବ ବୋଲି ଆଶଶ କରାଯାଇପାରେ। କିନ୍ତୁ ଅନ୍ୟାନ୍ୟ ରାଜ୍ୟରେ ବିଜେପିର ପ୍ରଦର୍ଶନ ଏତେଟା ଭଲ ହୋଇନପାରେ। ଆନ୍ଧ୍ରପ୍ରଦେଶ ଓ ବିହାରରେ ଏନଡିଏକୁ ଅଧିକ ଆସନ ମିଳିବ। ଝାଡ଼ଖଣ୍ଡ, ଦିଲ୍ଲୀ, ଉତ୍ତରାଖଣ୍ଡରେ ୬୦% ଆସନ ବିଜେପି ସପକ୍ଷରେ ଯାଇପାରେ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଶାସକ ଦଳ ବିରୋଧରେ ମଧ୍ୟ ଜନମତ ଯିବାର ଅନେକ କାରଣ ରହିଛି। ଛାତ୍ର ଆନ୍ଦୋଳନ, ଦରଦାମ ବୃଦ୍ଧି, ଅଯୋଧ୍ୟା ରାମ ମନ୍ଦିରରୁ ଚୋରି ଇତ୍ୟାଦି ପ୍ରସଙ୍ଗ ଶାସକ ମେଣ୍ଟ ପାଇଁ ମହଙ୍ଗା ପଡ଼ିପାରେ। ତେଣୁ ଏନଡିଏ ୩୨୬ ନହେଲେ ମଧ୍ୟ ମ୍ୟାଜିକ ନମ୍ବର ୨୭୨ ଟପିବା ଆଶା ରହିଛି। କଂଗ୍ରେସ କେରଳ, ରାଜସ୍ଥାନ, ପଞ୍ଜାବ ବ୍ୟତିତ ଅନ୍ୟ ରାଜ୍ୟରେ ସେପରି ଅଧିକ ସଫଳତା ପାଇନପାରେ। କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ସତ୍ତ୍ୱେ ଶାସନ କ୍ଷମତାରେ ଥିବା କଂଗ୍ରେସ ଗୋଷ୍ଠୀ କନ୍ଦଳ ଯୋଗୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବ। ତେଲେଙ୍ଗାନାରେ ଏହା ଅଧା ଆସନ ପାଇପାରେ। ରାଜସ୍ଥାନରେ ଏହା ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ଆସନ ପାଇବ। ୟୁପିରେ ସମାଜବାଦୀ ପାର୍ଟି ଓ କଂଗ୍ରେସ ମେଣ୍ଟ ଯଦି ଦଳିତ ଏବଂ ସଂଖ୍ୟାଲଘୁ ଭୋଟର ୮୦ ପ୍ରତିଶତ ନେଇଯିବ ତେବେ ବିଜେପି ଘାଟାରେ ପଡ଼ିବ। ମଧ୍ୟପ୍ରଦେଶରେ କଂଗ୍ରେସ ଏକ ତୃତୀୟାଂଶ ଆସନ ପାଇପାରେ। ଅନ୍ୟାନ୍ୟ ରାଜ୍ୟରେ ଦଳର ସ୍ଥିତି ଭଲ ନାହିଁ। ଅନେକ ରାଜ୍ୟରେ ବିଜେପି ଭଲ ସ୍ଥିତିରେ ନଥିଲେ ମଧ୍ୟ ସେଠାରେ କଂଗ୍ରେସ ଜିତିବ ବୋଲି କୁହାଯାଇନପାରେ। ଉଦାହରଣ ସ୍ୱରୂପ ଦିଲ୍ଲୀରେ ଯଦି ବିଜେପି ବିରୋଧରେ ଜନମତ ଯିବ ତେବେ ତାହାର ଫାଇଦା ଆପକୁ ମିଳିବ।

# " ଦେଖିବାକୁ ସୁନାପରି

**॥ ଅଜୟ କୁମାର ବେହେରା ॥**

*ଏବେ ଅନେକ ପ୍ରକାର ରଙ୍ଗର*
*ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର*
*ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ*
*ରଙ୍ଗିଲା। ଆଖିକୁ ସୁନ୍ଦର*
*ଦେଖାଗଲା ଏକ ଯାନ*
*କିଣାଗଲା। ଆଣୁ ଆଣୁ ଅନେକ*
*ଯତ୍ନ ପୋଛା ପୋଛି ହିଫାଜତ*
*ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ*
*ଠିକ ଥିଲେ ବି ଗାଡ଼ିର ଇଞ୍ଜିନ*
*ଖରାପ ଚକା ଫାଟିବା ଆଦି*
*ଘଟେ ଭିତର ସିଟ ଫାଟେ ଏପରି*
*ଗାଡ଼ି ଦୂରରୁ ପୂର୍ବପରି*
*ଦେଖାଗଲେ ବି ପ୍ରକୃତିରେ*
*ପୂର୍ବପରି ମୂଲ୍ୟବାନ ଓ ସଚଳ*
*ହୋଇନପାରେ ସେ ରଙ୍ଗ ତକ୍ରାଳ*
*ଦେଖିବାକୁ ସୁନାପରି।*

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଳଙ୍କରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୂ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡ଼ୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖିନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଶ କଳର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

**॥ ଡାକ୍ତର ସମ୍ରାଟ କର ॥**

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା।



ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩


# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

**॥ ଡକ୍ଟର ରାଜକିଶୋର ମିଶ୍ର ॥**

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଳଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଚିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଅର୍ଥ ସାଜିଛି ବାଧକ: ଖେଳିବା ବୟସରେ ଡାକ୍ତରଖାନା ଶଯ୍ୟାରେ କୁନି ପୁଅ ଆଦିତ୍ୟ



ଦଶପଲ୍ଲା, (ମହାଭାରତ): ହସିବା, ଖେଳିବା ଓ ସାଙ୍ଗସାଥୀଙ୍କ ସହ ଖୁସିରେ ସମୟ କାଟିବାର ବୟସରେ ମାଡ଼ି ଆସିଛି ଦୁଃଖର କଳାବାଦଲ। ଗୋଟିଏ ଛୋଟ ଅସାବଧାନତା ମାତ୍ର ୫ ବର୍ଷର ଶିଶୁର ଜୀବନକୁ ଦୁର୍ବିସହ କରିଦେଇଛି। ଖେଳୁଥିବା ସମୟରେ ତଳେ ପଡ଼ିଯାଇ ଅଣ୍ଟାରେ ଗୁରୁତର ଆଘାତ ପାଇଥିବା କୁନି ପୁଅ ଆଦିତ୍ୟ ଏବେ ଉଠି ବସିବାକୁ ମଧ୍ୟ ଅସମର୍ଥ। ଉନ୍ନତ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ଏବେ ସରକାରୀ ସହାୟତାକୁ ଚାତକ ପରି ଚାହିଁ ବସିଛନ୍ତି ଅସହାୟ ବାପାମାଆ। ପ୍ରାପ୍ତ ସୂଚନା ଅନୁଯାୟୀ, ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଗମ୍ଭାରିଖୋଲ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ଅଧ୍ୟୟନରତ ଛାତ୍ର ଆଦିତ୍ୟ ବେହେରା ଖେଳୁଥିବା ସମୟରେ ଅଚାନକ ତଳେ ପଡ଼ିଯାଇଥିଲେ। ନିରଞ୍ଜନ ବେହେରା ଓ ସବିତା ବେହେରାଙ୍କ ପୁଅ ଆଦିତ୍ୟଙ୍କ ଅଣ୍ଟାରେ ଶକ୍ତ ଆଘାତ ଲାଗିଥିଲା। ଘଟଣା ପରେ ତୁରନ୍ତ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ଏବଂ ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଉନ୍ନତମାନର ଚିକିତ୍ସା ପାଇଁ ତାଙ୍କୁ ବଡ଼ ମେଡିକାଲକୁ ନେବା ଆବଶ୍ୟକ ଥିଲେ ମଧ୍ୟ ଗରିବ ପରିବାର ପାଇଁ ଏହା ସମ୍ଭବପର ହୋଇପାରୁନାହିଁ। ବିଛଣାରେ ପଡ଼ି ରହିଥିବା ନିଜ ପୁଅକୁ ଦେଖି ବାପାମାଆଙ୍କ ଆଖିରୁ ଲୁହ ଶୁଖୁନାହିଁ। ପୁଅକୁ ଭଲ ଚିକିତ୍ସା ଦେଇ ପୁଣିଥରେ ତାକୁ ହସାଇବା ପାଇଁ ବାପାମାଆ ଚାହୁଁଥିଲେ ମଧ୍ୟ ହାତରେ ଆବଶ୍ୟକ ଅର୍ଥ ନଥିବାରୁ ସେମାନେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଯେଉଁ ବୟସରେ ପିଲାଟି ସାଙ୍ଗମାନଙ୍କ ସହ ଖେଳିବା ଓ ନୂଆ କଥା ଶିଖିବା କଥା, ସେହି ସମୟରେ ତା'ର ଦିନ କଟୁଛି ଡାକ୍ତରଖାନାର ଶଯ୍ୟାରେ। ନିଜ ପିଲାର ଅନ୍ଧକାରମୟ ଭବିଷ୍ୟତକୁ ନେଇ ବାପାମାଆ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଦୁଃସମୟରେ ଆଦିତ୍ୟଙ୍କ ପରିବାର ପାଖରେ ସରକାର ତଥା ଜିଲ୍ଲା ପ୍ରଶାସନ ଠିଆ ହେବାକୁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି। ଶିଶୁଟିର ଉନ୍ନତ ଚିକିତ୍ସା ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି କିମ୍ବା ରେଡକ୍ରସ୍ ପାଣ୍ଠିରୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ନିବେଦନ କରାଯାଇଛି। ପ୍ରଶାସନର ଟିକିଏ ସହାନୁଭୂତି ଏହି କୁନି ଶିଶୁଟିର ହସ ଫେରାଇ ଆଣିବା ସହ ତା'ର ଭବିଷ୍ୟତକୁ ସୁରକ୍ଷିତ କରିପାରିବ ବୋଲି ମତପ୍ରକାଶ ପାଇଛି। ଏବେ ଆଦିତ୍ୟଙ୍କ ଚିକିତ୍ସା ପାଇଁ ପ୍ରଶାସନ କେବେ ସହାୟତାର ହାତ ବଢ଼ାଉଛି, ତାହାକୁ ହିଁ କେବଳ ଅପେକ୍ଷା।

## ପାରାଦୀପ ପୌରପାଳିକା ପକ୍ଷରୁ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବିରୋଧରେ ଜୋରଦାର ଚଢ଼ାଉ



ପାରାଦୀପ, (ମହାଭାରତ) : ପାରାଦୀପ ପୌରପାଳିକା ପକ୍ଷରୁ ପାରାଦୀପ ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ମଙ୍ଗଳବାର ଦିନ ବଡ଼ପଡ଼ିଆ ମାର୍କେଟ ରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ, ଥର୍ମୋକଲ, ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ର ବ୍ୟବହାର, ବିକ୍ରୟ ଓ ବଣ୍ଟନ ବିରୋଧରେ ଏକ ଜୋରଦାର ପ୍ରବର୍ତ୍ତନମୂଳକ ଚଢ଼ାଉ କରାଯାଇଥିଲା । ଏହି ଅଭିଯାନ ସମୟରେ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ର ବିତରକ ଓ ଯୋଗାଣକାରୀ ମାନଙ୍କ ଉପରେ ବିଶେଷ ନଜର ଦିଆଯାଇଥିଲା । ଚଢ଼ାଉ ସମୟରେ ବଡ଼ପଡ଼ିଆ ମାର୍କେଟର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ପ୍ରାୟ ୪୫୦ କେଜି ପଲିଥିନ,ଥର୍ମୋକଲ ଓ ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଜବତ କରାଯାଇଥିଲା କ୍ଷ ନିଷିଦ୍ଧ ସାମଗ୍ରୀ ର ବ୍ୟବହାର ଓ ଯୋଗାଣ କରୁଥିବା ଉଲ୍ଲଙ୍ଘନକାରି ମାନଙ୍କ ଠାରୁ ବିଶେଷକରି ବିତରକ ମାନଙ୍କ ଠାରୁ ୯୬.୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା କ୍ଷ ତେବେ ପରିବେଶ ସୁରକ୍ଷା ନିୟମର କଡାକଡି ପ୍ରବର୍ତ୍ତନ, ସ୍ୱଚ୍ଛତା ବଜାୟ ରଖିବା ଏବଂ ପ୍ଲାଷ୍ଟିକମୁକ୍ତ, ପରିଷ୍କାର ଓ ପରିବେଶ ଅନୁକୂଳ ପାରାଦୀପ ଗଠନ ନିମନ୍ତେ ପୌରପାଳିକା ଓ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ର ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସୂଚନା ଦେଇଛନ୍ତି ।

## ଭତ୍ତା ଟଙ୍କା ଖାଇଗଲା ଭୂତ !

ବ୍ରହ୍ମଗିରି(ମହାଭାରତ): ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକର ପ୍ରାୟ ସମସ୍ତ ଗ୍ରାମପଞ୍ଚାୟତରେ ଏବେ ଦେଖିବାକୁ ମିଳିଛି ବ୍ୟାପକ ଦୁର୍ନୀତି। ଅଭିଯୋଗ ଅନୁସାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ଏବଂ ଶାରିରୀକ ଭିନ୍ନକ୍ଷମ ଭତ୍ତା ରେ ହୋଇଛି ହରିଲୁଟ। ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାର୍ଥି ଙ୍କର ମୃତ୍ୟୁ ହେବାର ବର୍ଷ ବର୍ଷ ପର୍ଯ୍ୟନ୍ତ ଦିଆଯାଉଛି ଭତ୍ତା। ତେବେ ଭତ୍ତା ଟଙ୍କା ନେଉଛି କିଏ ? ମୃତକ ପରିବାର ଲୋକଙ୍କ ପାଖରେ ମଧ୍ୟ ଏନେଇ କୌଣସି ଖବର ନଥିବା ଅଭିଯୋଗରୁ ଜଣାପଡିଛି। ଯଦି ମୃତକ ପରିବାର ଲୋକେ ଜାଣିନାହାନ୍ତି ତେବେ ଭୂତ ଆସି ଭତ୍ତା ଟଙ୍କା ନେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ୬୦ବର୍ଷ ହୋଇନଥିବା କିଛି ବ୍ୟକ୍ତି ଭୋଟର ପରିଚୟ ପତ୍ର ରେ ଜାଲିଆତି କରି ୮୦ ବର୍ଷରୁ ଅଧିକ ବୟସ କରି ମାସିକ ୩୫୦୦ ଟଙ୍କା ପାଉଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଶତପ୍ରତିଶତ ଶାରୀରିକ ସକ୍ଷମ ବ୍ୟକ୍ତି ଚଞ୍ଚକତା କରି ୮୦ପ୍ରତିଶତ ରୁ ଉର୍ଦ୍ଧ ଶାରୀରିକ ବିକଳାଙ୍ଗ ପ୍ରମାଣପତ୍ର ପାଇ ଏବେ ପାଉଛନ୍ତି ବିକଳାଙ୍ଗ ଭତ୍ତା। ୨୪ ବର୍ଷର ସରକାର ପରିବର୍ତ୍ତନ ହୋଇଗଲା କିନ୍ତୁ ଏବେ ମଧ୍ୟ ବଦଳିଲାନି ସରକାରୀ ବ୍ୟବସ୍ଥା । ତେବେ ସାଧାରଣରେ ପ୍ରଶ୍ନ ଏତେ ବ୍ୟାପକ ଦୁର୍ନୀତି ସମ୍ପର୍କରେ କ'ଣ ଜାଣିପାରୁନି ସଂପୃକ୍ତ ବିଭାଗ ? ନା ଜାଣିଶୁଣି କୌଣସି ଚାପରେ ନିରବ ରହୁଛି ଉକ୍ତ ବିଭାଗ। ଖବର ପ୍ରସାରଣ ପରେ ବିଭାଗୀୟ ଅଧିକାରୀ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ଅପେକ୍ଷା ।

## କଳା ନୋଡାଲ ଉଚ୍ଚ ବିଦ୍ୟାଳର ଖେଳ ପଡ଼ିଆରେ ଜୋନ ସ୍ତରୀୟ ଏକ ଦିବସୀୟ କ୍ରୀଡା ଅନୁଷ୍ଠିତ



ଦେବଗଡ଼ (ମହା ଭାରତ) : ଆଜି ଦେବଗଡ଼ ଜିଲ୍ଲା ବାର କୋଟ ବ୍ଲକ ର କଳା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜୋନ ସ୍ତରୀୟ ଏକ ଦିବସୀୟ କ୍ରୀଡା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଳା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦଘାଟନ କରିଥିଲେ। ଏହି ଅବସରରେ ବାରକୋଟ ବ୍ଲକର ଏକ ନମ୍ବର ଜୋନରେ ରହିଥିବା ବିଦ୍ୟାଳୟରୁ ଶିକ୍ଷକ ମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଲଚନା ସହ ବିଭିନ୍ନ ପଦ ଚୟନ କରାଗଲା।ସଭାପତି ଭାବେ କଳା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶ୍ରୀଯୁକ୍ତ ସରୋଜ କୁମାର ବ୍ରହ୍ମା ଏବଂ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଗଲା। ପି. ଇ. ଟି ଭାବେ ଶ୍ରୀଯୁକ୍ତ ଯଶୋଧର ଧଳ, ଘନଶ୍ୟାମ ମହାନ୍ତ, ବିରେନ୍ଦ୍ର ପ୍ରଧାନ, ବରୁଣ କୁମାର ସାହୁ,ବିରାଜ ସାହୁ ପି, ଇ, ଡି ଶ୍ରୀଯୁକ୍ତ ରୁକୁଣି କିସାନ,ଦିଲୀପ ଗଡ଼ନାୟକଙ୍କୁ ଚୟନ କରାଗଲା।ଏଥିସହ ବିଭିନ୍ନ ପ୍ରକାର କ୍ରୀଡା ବିଷୟରେ ଆଲଚନା ସହ କ୍ରୀଡା ଚୟନ କରଯାଇଥିଲା ଯଥା :-ଫୁଟବଲ, ଭଲିବଲ, କବାଡି ଖୋଖ, ବ୍ୟାଟ ମିଣ୍ଟନ। କଳା ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ /ଶିକ୍ଷୟତ୍ରୀ ଙ୍କ ସହଯୋଗରେ ଏକ ଖେଳ ପ୍ରତିଯୋଗିତା କରାଯାଇଥିଲା ଏଥିରେ ୧୧୦ଜଣ ବାଳକ ଓ ୫୧ଜଣ ବାଳିକା ବିଭିନ୍ନ ଖେଳରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଟିକେଶ୍ୱର ସାହୁ ଏବଂ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ସୁଦାମ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ।

## ନୂଆଖାଇ ପାଇଁ ତିନି ଦିନିଆ ଛୁଟି ଦାବି

ପାଟଣାଗଡ ( ମହାଭାରତ ) : ପଶ୍ଚିମ ଓଡ଼ିଶାର ପ୍ରାଣବିନ୍ଦୁ, କୃଷି ଭିତ୍ତିକ ଗଣପର୍ବ 'ନୂଆଖାଇ' କେବଳ ଏକ ସାଧାରଣ ପରମ୍ପରା ନୁହେଁ, ବରଂ ଏହା ଏହି ମାଟିର ପ୍ରାୟ ୨ କୋଟି ଜନସାଧାରଣଙ୍କ ସଂସ୍କୃତି, ଭାଇଚାରା ଓ ଆତ୍ମାର ପରମ୍ପରା। ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଅତି ଉତ୍ସାହ ଓ ଶ୍ରଦ୍ଧାର ସହ ପାଳିତ ହେଉଥିବା ଏହି ମହାନ ପର୍ବ ପାଇଁ ତିନି ଦିନ—ପ୍ରଥମ ଦିନ (ନୂଆଖାଇ), ଦ୍ୱିତୀୟ ଦିନ (ନୂଆଖାଇ ବାସି) ଓ ତୃତୀୟ ଦିନ (ନୂଆଖାଇ ତିଆସି)—ପରମ୍ପରାଗତ ଭାବେ ଧୁମଧାମ ଭାବେ ପାଳନ କରାଯାଇଥାଏ। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ଏହି ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପର୍ବ ପାଇଁ ରାଜ୍ୟ ସରକାର ସରକାରୀ ଛୁଟି ଘୋଷଣା କରିବା କ୍ଷେତ୍ରରେ ଉଦାସୀନତା ଓ ଅବହେଳା ପ୍ରଦର୍ଶନ କରୁଛନ୍ତି।

ସେପ୍ଟେମ୍ବର ୧୫ ନୂଆଖାଇ ଓ ପରଦିନ ଅଧିକାରୀକଙ୍କ ଛୁଟି ଘୋଷଣା ନହୋଇ କେତେକ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, କଲେଜ ,ବ୍ୟାଙ୍କ ଓ ବୀମା ଖୋଲା ରହୁଛି। ଏପରିକି ଏହି ଗୁରୁତ୍ୱପୂର୍ଣ୍ଣ ନୂଆଖାଇ ସେପ୍ଟେମ୍ବର ୧୫ ତାରିଖ ରେ ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ରିୟ ବିଦ୍ୟାଳୟ ର ଶିକ୍ଷକ, କର୍ମଚାରୀ ନିଯୁକ୍ତି ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସୂଚୀବଦ୍ଧ କରାଯାଉଛି। ନୂଆଖାଇ ଦିନରେ ନିଯୁକ୍ତି ପରୀକ୍ଷା ଆୟୋଜିତ ହେବା ଯୋଗୁଁ ଅନେକ ପରୀକ୍ଷାର୍ଥୀ ଓ ପରୀକ୍ଷକ ନିଜ ପରମ୍ପରା ପାଳନରୁ ବଞ୍ଚିତ ହେଉଛନ୍ତି। ପୂର୍ବ ଓଡ଼ିଶାରେ ପାଳିତ ହେଉଥିବା ରଜ ପର୍ବ ପାଇଁ ରାଜ୍ୟ ସରକାର ତିନି ଦିନିଆ ସରକାରୀ ଛୁଟି ଘୋଷଣା କରୁଥିବା ବେଳେ, ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ପ୍ରତି ଏଭଳି ପକ୍ଷପାତମୂଳକ ଆଚରଣ ଗ୍ରହଣଯୋଗ୍ୟ ନୁହେଁ। ଏହା ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ସ୍ୱାଭିମାନ ଓ ଜନଭାବନା ପ୍ରତି ଏକ ବଡ଼ ଆଘାତ। ଏହି ପରିପ୍ରେକ୍ଷୀରେ ଆଦିବାସୀ କଲ୍ୟାଣ ସଂଘ, କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଏବଂ ବିଭିନ୍ନ କୋଶଲୀ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଗିରିଧାରୀ ଭୋଇଙ୍କ ନେତୃତ୍ୱରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ରେ ନୁଆଖାଇକୁ ୩ ଦିନିଆ ଛୁଟି ଘୋଷଣା ସହ ସରକାରୀ କ୍ୟାଲେଣ୍ଡରରେ ଛୁଟି ଦିନ ସ୍ଥାନ ଦେବା ଏବଂ ଉକ୍ତ ୩ଦିନରେ ବିଭିନ୍ନ ପରୀକ୍ଷା ବାତିଲ୍ କରିବା ପାଇଁ ଦାବି କରିଛନ୍ତି।

## ଭୂମିକମ୍ପର ଭ୍ରମ ସୃଷ୍ଟି କରୁଛି କରାଙ୍ଗ ସରାକୋର ରାସ୍ତା



ନିଆଳୀ ( ମହାଭାରତ ) : ଅସରାଏ ବର୍ଷାରେ ଭୂମିକମ୍ପର ଭ୍ରମ ସୃଷ୍ଟି କରୁଛି ରାସ୍ତା । କେହି କିଛି ବୁଝିବା ଆଗରୁ ପାଞ୍ଚ ଫୁଟ ତଳକୁ ଭୁଷୁଡିଲା ରାସ୍ତା । ଏହା ଭୂସ୍ଖଳନ ନାଁ ଅନ୍ୟ କିଛି କାରଣ ଖୋଜୁଛନ୍ତି ଗ୍ରାମବାସୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଆଳୀ ବ୍ଲକ ଅନ୍ତର୍ଗତ କରାଙ୍ଗ ଗାଁରେ । ସୂଚନା ମୁତାବକ ନିଆଳୀ ବ୍ଲକ କରାଙ୍ଗ ସରାକୋର ମୁଖ୍ୟ ରାସ୍ତା କୌଣସି କାରଣ ବଶତଃ ପାଞ୍ଚ ଫୁଟ ତଳକୁ ଭୁଷୁଡି ପଡିଛି ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଗାଁ ଲୋକେ । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ଯାତାୟାତ ପୁରାପୁରି ଠପ୍ ହୋଇଯାଇଛି ରାସ୍ତାଟି ଗତ ପାଞ୍ଚ ବର୍ଷ ପୂର୍ବେ ଲୋକଙ୍କ ଗମନାଗମନ କୁ ସୁଗମ କରିବା ପାଇଁ ନିର୍ମାଣ କରାଯାଇଥିଲା ହେଲେ କାହିଁକି ଏବଂ କେମିତି ହଠାତ୍ ଭୁଶୁଡ଼ି ପଡ଼ିଲା ତାହା ଏବେ ଚର୍ଚ୍ଚା ର ବିଷୟ ପାଲଟିଛି । ଖବର ପାଇ ଗ୍ରାମ୍ୟ ଉନ୍ନୟନ ନୀର୍ବାହି ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ମିଳିଛି । ଅନ୍ୟପଟେ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି କରାଙ୍ଗ ଗ୍ରାମବାସୀ ।

## ଡକାୟତ ଯୋଜନା ପଣ୍ଡ, ଦୁଇ ଗିରଫ କୋର୍ଟ ଚାଲାଣ

ବାଲିଚନ୍ଦ୍ରପୁର, (ମହାଭାରତ) : ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ପଞ୍ଚାୟତ ସ୍ଥିତ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣି ପାହାଡ ପାଦଦେଶ ଜଙ୍ଗଲ ମଧ୍ୟରେ ପାଞ୍ଚଜଣ ସନ୍ଦିଗ୍ଧ ଯୁବକ ବସି ଆଲୋଚନା କରୁଥିବା ବାଲିଚନ୍ଦ୍ରପୁର ପୁଲିସ ଏକ ନିର୍ଭର ସୂଚନା ଜାଣିବାକୁ ପାଇଥିଲା, ତତକ୍ଷଣାତ ସେହି ଅଞ୍ଚଳକୁ ପାଟ୍ରୋଲିଂ ରେ ଯାଇଥିବା ଏସ୍ ଆଇ ଦୀପାଲିସା ନାୟକ କିଛି ଷ୍ଟାଫ୍ ଙ୍କ ସହିତ ଘଟଣା ସ୍ଥଳକୁ ଯାଇ ଚଢାଉକରି ଥିଲେ, ଚଢାଉ ସମୟରେ ତିନିଜଣ କାଦୁଅ ବିଲ ମଧ୍ୟରେ ଦୌଡ଼ି ଖସିଯାଇଥିବା ବେଳେ ଦୁଇଜଣ କୁ ପୁଲିସ କାବୁ କରି ଥାନାକୁ ଆଣିଥିଲେ, ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ପୁଲିସ ଅଟକ ରଖିଥିବା ଦୁଇଜଣଙ୍କୁ ପଚରା ଉଚରା କରି ସେମାନେ ଡକାୟତ ଯୋଜନା କରୁଥିବା ନେଇ ସ୍ୱୀକାର କରିଥିଲେ, ପୁଲିସ ଏ ନେଇ ଏକ ମାମଲା ୩୪୬/୨୬ ରୁଜୁ କରି ଉଭୟକୁ ଗିରଫ କରିଥିଲା, ଗିରଫ ବ୍ୟକ୍ତି ଦୁଇଜଣ ବାଲିଚନ୍ଦ୍ରପୁର ଥାନା ବାଲିଚନ୍ଦ୍ରପୁର ଗ୍ରାମର ଶିଶୁମନ୍ଦିର ନିକଟସ୍ଥ ଘଡେଇ ସାହିର ସ୍ୱର୍ଗତ ବାବୁଲି ଘଡେଇଙ୍କ ପୁଅ ରାହୁଲ ଘଡେଇ ବୟସ ୧୯ ହୋଇଥିବା ବେଳେ ଅନ୍ୟଜଣେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର ଅଭିମନ୍ୟୁ ଘଡେଇଙ୍କ ପୁଅ ଦୀପକ ଘଡେଇ ବୟସ ୨୫ ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ଦୁଇଟି ମାଗାଜିନ୍, ଦୁଇଟି ମୋବାଇଲ ଫୋନ, ପାଞ୍ଚଟି ଜୀବନ୍ତ ଗୁଳି, ଗୋଟିଏ କଳା ରଙ୍ଗର ବଜାଜ ପଲସର ୨୨୦ ଯବତ କରିଥିବା ବେଳେ ତାଙ୍କ ପାଖରୁ ବନ୍ଧୁକ ସମ୍ପର୍କିତ କାଗଜ ପତ୍ର ଓ ଲାଇସେନ୍ସ ପାଇନଥିଲେ, ଏ ନେଇ ବାଲିଚନ୍ଦ୍ରପୁର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ ଡି ପି ଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଖସିଯାଇଥିବା ତିନିଜଣ ନିୟମିତ ଚୋରି, ରାହାଜାନି, ଡକାୟତି ରେ ଲିପ୍ତ ଥିବା ବେଳେ ଏମାନେ ବିଶେଷ କରି ଘରୋଇ ଋଣ ଲଗାଣକାରୀ ସଂସ୍ଥା ର କର୍ମଚାରୀ ମାନଙ୍କୁ ଲୁଟ ? କରିବା ଉଦ୍ଦେଶ୍ୟରେ ଯୋଜନା କରୁଥିବା କଥା କହିଥିଲେ, ଏ ସମ୍ପର୍କିତ ଅଧିକ ତଦନ୍ତ ନିମିତ ଅନ୍ୟ ଥାନା ମାନଙ୍କୁ ସୂଚନା ଦିଆଯାଇଥିବା ବଳେ ଏମାନେ କେଉଁ କେଶ ରେ ସମ୍ପୃକ୍ତି ଅଛନ୍ତି ତାହା ଜଣାପଡିବ ବୋଲି କହିଥିଲେ, ଗିରଫ ବ୍ୟକ୍ତି ଦୁଇଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି

## ଆସୁଛି ପାର୍ବଣ, ହସୁଛି କାଶତଣ୍ଡି

ଶରତର ଆଗମନରେ ପାର୍ବଣର ବାର୍ତ୍ତା ନେଇ ଧରା ପୃଷ୍ଠରେ ତା'ର ପସରା ମେଲିଥାଏ କାଶତଣ୍ଡି । ପ୍ରକୃତିର ଏଇ ଅମୂଲ୍ୟ ଉପହାର ଦେଖାଦିଏ ବିଲମାଳ, ରାସ୍ତାକଡ, ନଈପଠା ଓ ଖାଲୁଅ ଜମିରେ । ନୀଳ ଆକାଶର ତଳେ ହସୁଥାଏ ଶୁଭ୍ର ରେଶମୀ କାଶତଣ୍ଡି । ସତେ ଯେପରି ଧରଣୀ ରାଣୀ ଶୁଭ୍ର ବସ୍ତ୍ର ପରିଧାନ କରିଛନ୍ତି । ଦୋଳାୟିତ କାଶତଣ୍ଡି ଚାମର ସଦୃଶ ଦେଖାଯାଏ । ଏଇ ଚାମର ହଲାଇ ସେ ଆଦିଶକ୍ତିଙ୍କୁ ସ୍ୱାଗତ କରିଥାଏ । କାରଣ ମାଆଙ୍କୁ ସ୍ୱାଗତ ଜଣାଇବା ପାଇଁ ସେ ବରଦାନ ପାଇଛି । କାଶତଣ୍ଡି ଫୁଲର ସମ୍ଭାର ପ୍ରକୃତି ପ୍ରେମୀକୁ ଆକୃଷ୍ଟ କରେ । ପ୍ରକୃତିର କାନଭାସ୍ ରେ କାଶତଣ୍ଡି ଯେପରି ଏକ ତୂଳୀର ସ୍ପର୍ଶ । ତା'ର ବାସନା ନାହିଁ ସତ ହେଲେ ତା'ର ଶୁଭ୍ରରୂପ ବଦଳାଇ ଦିଏ ତନୁ ମନ । ସତରେ ବାଟୋଇଟିଏ ହଜିଯାଏ ଏହାର କମନୀୟ ସୁଷମା ଭିତରେ ହଜିଯାଏ କବି।ଏହି ଶୁଭ୍ର ରେଶମୀ



କାଶତଣ୍ଡିକୁ ନେଇ ରହିଛି ଏକ ସୁନ୍ଦର କାହାଣୀ । ଏକଦା ଏକ ରାଜ୍ୟରେ, ଗରୀବ ଘରର କାଶତଣ୍ଡି ନାମକ ଏକ ସୁନ୍ଦର ଝିଅଟିଏ ସବୁବେଳେ ନଦୀ ପଠା ରେ ବୁଲୁଥାଏ । ଯାହାର ସୌନ୍ଦର୍ଯ୍ୟରେ ବଶୀଭୂତ ହୋଇ ତାକୁ ପ୍ରେମ କରି ବସିଥିଲେ ସେଇ ରାଜ୍ୟର ରାଜକୁମାର। ଦୁହିଁଙ୍କ ମଧ୍ୟରେ ଧୀରେ ଧୀରେ ନିବିଡ଼ ହେଉଥିଲା ଏହି ପ୍ରେମ । ସବୁଦିନ ନଦୀ ପଠାରେ ସେ ଦୁହେଁ ଦେଖାହୁଅନ୍ତି । ଥରେ ଏହି ଖବର ପହଞ୍ଚିଲା ସେହି ରାଜ୍ୟର ରାଜାଙ୍କ ପାଖରେ । କାଶତଣ୍ଡି ପରି ଗରିବ ଘରର ଝିଅ ଟିକୁ ନିଜର ବୋହୁ ଭାବେ ଗ୍ରହଣ କରିବା ପାଇଁ ରାଜି ନଥାନ୍ତି ରାଜା । ହଠାତ୍ ଦିନେ ରାଜକୁମାର ଓ କାଶ ତଣ୍ଡିଙ୍କ ପ୍ରେମରେ ମାଡ଼ି ଆସିଲା କଳାବାଦଲ । ରାଜାଙ୍କ ଆଦେଶରେ ନଦୀ ପଠା ରେ ପହଞ୍ଚିଲେ ସୈନ୍ୟ ସାମନ୍ତ । ଦୁହିଁଙ୍କୁ ଅଲଗା କରିବା ସହ ରାଜକୁମାରଙ୍କ ଆଖି ଆଗରେ କାଶତଣ୍ଡିକୁ ଜିଅନ୍ତା ପୋତି ଦେଲେ ସୈନ୍ୟ । ଛାତି ଫଟାଇ ଚିତ୍କାର କରି କାନ୍ଦୁଥିବା ରାଜକୁମାରଙ୍କୁ ଶେଷ ସମୟରେ କଥା ଦେଇଥିଲା କାସତଣ୍ଡି "ହେ ରାଜନ ଆମର ଏଇ ଶାଶ୍ୱତ ପ୍ରେମକୁ ଉଦ୍‌ଜୀବିତ ରଖିବା ପାଇଁ ତୁମକୁ ବଞ୍ଚି ବାକୁ ପଡ଼ିବ । ମୁଁ ପ୍ରତିବର୍ଷ ଶରତ ଋତୁରେ କାଶତାଣ୍ଡି ଫୁଲ ରୂପରେ ଏ ଧରା ପୃଷ୍ଠରେ ଜନ୍ମ ନେବି । ମୋର ଗନ୍ଧ ହିନ ସୌନ୍ଦର୍ଯ୍ୟ ସମସ୍ତଙ୍କ ମନରୁ କ୍ରୋଧ, ହିଂସାକୁ ଦୂରେଇ ଦେଇ ପ୍ରେମର ରଙ୍ଗ ଭରିଦେବ । ପ୍ରତିଟି ଶରତ ଆମ ପାଇଁ ମିଳନ ର ଋତୁ ହେବ । ଏହାପରେ ରାଜକୁମାର ମଧ୍ୟ ଚିର କୁମାର ହୋଇ ରହିଗଲେ।କିମ୍ବଦନ୍ତୀ ଯାହା ବି ହଉନା ନା କାହିଁକି ନିଜର ସୁନ୍ଦର ରୂପ ରେ ସମସ୍ତ ଙ୍କୁ ବିମୋହିତ କରୁଥିବା ଏଇ ଘାସ ଫୁଲ ଟି ଯେବେ ଶୀତଳ ପବନର ଛୁଆଁ ରେ ଦୋଳାୟମାନ ହେଉଥାଏ ଲାଗେ ସତେ ଯେମିତି ପ୍ରେମିକା ଟିଏ ଧଳା ଓଢ଼ଣି ଉଡାଇ ଧାଇଁ ଯାଉଛି ତାର ପ୍ରେମିକ ପାଖକୁ । କବି ଟିଏ ତାର କବିତା ମାଧ୍ୟମରେ ହେଉ ବା ଲେଖକଟିଏ ତାର ଲେଖନୀ ମାଧ୍ୟମରେ କାସତଣ୍ଡି ର ସୁନ୍ଦରତାକୁ ଭିନ୍ନ ଭିନ୍ନ ଢଙ୍ଗରେ ପରିପ୍ରକାଶ କରିଥାନ୍ତି।

## ରେଢ଼ାଖୋଲ କଲେଜ ଛକରେ ଟ୍ରଲର ଧକ୍କାରେ ବାଇକ ଆରୋହୀ ମୃତ, ଜାତୀୟ ରାଜପଥ ଅବରୋଧ

ରେଢ଼ାଖୋଲ,(ମହାଭାରତ): ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ କଲେଜ ଛକରେ ଟ୍ରଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ଏନ୍‌ଏଚଆଇ କୁ ବିରୋଧରେ ଜାତୀୟ ରାଜପଥ ଅବରୋଧ। ମୃତ ବାଇକ ଚାଳକ ଜଣକ ହେଲେ ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡବହାଲ ପଞ୍ଚାୟତ ଅଧୀନ ବଡକୁଡା ଗ୍ରାମର ବାସିନ୍ଦା କାଳନ୍ଦୀ ପୋଢ। ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ଜଣଙ୍କ କୌଣସି କାର୍ଯ୍ୟରେ ବାଇକ ଯୋଗେ ଆସୁଥିବା ବେଳେ ଏକ ଟ୍ରଲର ଗାଡି ସହିତ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଉକ୍ତ ବ୍ୟକ୍ତି କାଳନ୍ଦୀ ଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିବାରୁ ତାଙ୍କର ମୃତ ଦେହଟି ଖଣ୍ଡ ବିଖଣ୍ଡ ହୋଇ ଏଣେତେଣେ ପଡ଼ି ରହିଥିଲା। ଏଥିରେ ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏଥିରେ ଦୀର୍ଘ ଘଣ୍ଟା ଧରି ରାଜପଥ ରେ ଯାତାୟାତ ଠପ୍ ହୋଇ ଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଏଥିରେ ଦାବି ରଖା ଯାଇଥିଲା ଯେ ସହରର ୬ କିଲୋ ମିଟର ରାସ୍ତା ତୁରନ୍ତ ସମ୍ପୂର୍ଣ୍ଣ କରାଯାଉ ଏବଂ ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯାଉ। ଘଟଣା ସ୍ଥଳରେ ପୋଲିସ, ପ୍ରଶାସନ ଏବଂ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ରେଢ଼ାଖୋଲ ନାଗରିକ କମିଟି ସହିତ ଆଲୋଚନା କରି ତୁରନ୍ତ ଏନ୍‌ଏଚ ମରାମତି ଓ ଟାଉନ୍ ର ୬ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ୨ଲକ୍ଷ ଟଙ୍କା ଦେବା ଲିଖିତ ପ୍ରତିଶ୍ରୁତି ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଆସିକା ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ

ଆସିକା (ମହାଭାରତ): ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆଜି ଫ୍ଲାଗ ମାର୍ଚ୍ଚ ଆସିକା ସହରରେ ହୋଇଯାଇଛି । ଏହି ଫ୍ଲାଗ ମାର୍ଚ୍ଚ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ଲକ୍ଷ୍ମୀ ବଜାର, ବିଜୁ ପଟ୍ଟନାୟକ ଛକ ଖମ୍ବେଶ୍ୱରୀ ପାଟଣା, ହରିହର ନଗର, ପାକଳାପଲ୍ଲୀ ଆଦି ଅଞ୍ଚଳ ରେ ହୋଇଯାଇଛି । ଅମାନିଆ ଙ୍କୁ ସାବଡ କରିବା ପାଇଁ ଏହି ପରି ଫ୍ଲାଗ ମାର୍ଚ୍ଚ ଚାଲୁ ରହିବା ସହ ଅପରାଧୀ ମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ କୌଣସି ପ୍ରକାର ଅସାମାଜିକ ବ୍ୟକ୍ତି କିମ୍ବା ଅସାମାଜିକ କାର୍ଯ୍ୟକଳାପ କୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ । ଆସିକା ଥାନା ପରିସରଭୁକ୍ତ ଅଞ୍ଚଳରେ ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ଜିରୋଟଲରେନ୍ସ ନୀତି ଅବଲମ୍ବନ କରିବା ଲାଗି ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଆଜି ଏହି ଫ୍ଲାଗ ମାର୍ଚ୍ଚରେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନାଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ । ପୋଲିସ ର ଫ୍ଲାଗ ମାର୍ଚ୍ଚ ପରେ ଅପରାଧୀଙ୍କ ମନରେ ଛନକା ପଶିଛି ।

## ଚିକିଟୀରେ ଲୋପପାଇବାକୁ ଯାଉଛି ବଡ଼ ନାଳ

**ଚିକିଟୀ,:**ଏହି ତହସିଲ ଅନ୍ତର୍ଗତ ଚିକିଟି ପେଣ୍ଠରେ ଶିଶୁ ମନ୍ଦିର ନିକଟ ଦେଇ ପ୍ରବାହିତ ନାଳଟିକୁ ବଡ଼ ନାଳ ନାମରେ କୋ ଅନାଦି କାଳରୁ ନାମ କରଣ କରାଯାଇଛି । ଏହି ନାଳଟୀ ନିକଟସ୍ଥ ଋଷିଦଲ୍ଲୀ ପାହାଡ଼ ଓ ତାର ଆଖପାଖ ଜଙ୍ଗଲରୁ ପାଣି ଆସି ନୂଆଁବନ୍ଧ ଦେଇ ପ୍ରବାହିତ ହେବ ପରେ ଏହି ନାଳରେ ପଡିଥାଏ । ଏହା ଚିକିଟି ପେଣ୍ଠର ପଦ୍ମନଗର ଇଲାକରେ ଗତି କରି ବକ୍ସି ବଜାର ଦେଇ ବଡ଼ସାହି ମଧଦେଇ ନଦୀ ଆଡକୁ ପ୍ରବାହିତ ହୋଇ ଆସୁଅଛି । ପୂର୍ବ ଏହି ନାଳର ଓସାର ଏତେ ମାତ୍ରାରେ ଥିଲା ଯେ ଏହା ଧୀରେ ଧୀରେ ଏହାର ଓସାର କମିବାରେ ଲାଗିଛି ।ସୂଚନା ପ୍ରକାରେ ଏହି ନାଳ ର ଗୋଟିଏ ପାଖରେ ରାସ୍ତା ଟୀ ଲମ୍ବିଥିବା ବେଳେ ଅପର ପାର୍ଶ୍ୱରେ କିଛି ପ୍ଲଟ ବ୍ୟବସାୟୀ ପ୍ଲଟ ବିକା ଲଗାଇଛନ୍ତି । ଧୀରେ ଧୀରେ ଏହି ନାଳ ହୁଡ଼ା କୁ ନିଜ ଅଧୀନକୁ ନେଇଯାଇଥିବା କିଛି ଲୋକଙ୍କ ମତ ପ୍ରକାଶ ପାଉଛି ।ଏଣୁ ପ୍ରଶାସନ ନାଳର ପରିସୀମା ବାହାର କରି ଉପଯୁକ୍ତ ପଦକ୍ଷପ ନେଲେ ନାଳ ଟୀ ବଂଚିବ ବୋଲି ମତ ପ୍ରକାଶ କରୁଛନ୍ତି ।

## ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ପୁଣି ବାଘ ଆତଙ୍କ

**ନୂଆପଡ଼ା,:**ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟର ସୋସେଙ୍ଗ ସେକସନର ଦେଓସିଲ୍ ଗାଁରେ ଏକ କଲରାପତରିଆ ବାଘ ରାତିରେ ଗାଁ ଭିତରକୁ ପଶି ଏକ ବାଛୁରୀକୁ ମାରି ଖାଇ ଥିବା ଅଭିଯୋଗ । ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ପୁଣି ବାଘ ଆତଙ୍କ ଥିବା ବେଳେ ଗ୍ରାମବାସୀ ଭୟଭୀତ ହୋଇଛନ୍ତି। ବନ୍ ବିଭାଗ ପକ୍ଷ ରୁ ସନ୍ଧ୍ୟା ପରେ ନିକଟସ୍ଥ ଜଙ୍ଗଲ କୁ ନ ଯିବା ସହ ଘରୁ ନ ବାହାରିବାକୁ ଆହ୍ୱାନ କରିଛନ୍ତି। ଗତ ରାତିରେ ଦେଓସିଲ ଗାଁର ବ୍ୟାସଦେବ ମାଝୀଙ୍କ ବାଛୁରୀ ଗାଁ ଦାଣ୍ଡରେ ଥିଲା । ଆଜି ସକାଳେ ବାଛୁରୀର ମୃତ ଦେହ ଦେଖି ଗାଁ ଲୋକେ ସୁନାବେଡ଼ା ଅଭୟାରଣ୍ୟ ବିଭାଗକୁ ସୂଚନା ଦେଇଥିଲେ । ବିଭାଗର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଥିଲେ ।ଏହି ବାଛୁରୀ କୁ ମାରି ଖାଇଥିବା ଏକ କଲରପତରିଆ ବାଘ ବୋଲି ଜଣା ପଡିଛି । ଗାଁ ନିକଟସ୍ଥ ଜଙ୍ଗଲରେ କ୍ୟାମେରା ଲଗା ଯାଇଛି। ନିକଟସ୍ଥ ଗାଁମାନଙ୍କରେ ଲୋକଙ୍କୁ ସଚେତନ କରୁଛି ବନ ବିଭାଗ ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଫକିରାବାଦ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ଏକ ଉତ୍ସବ ସମିନା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ବିଆରସିସି ତଥା ଏବିଇଓ ବଳଦେବପ୍ରସାଦ ଜେନା, ଅବସରପ୍ରାପ୍ତ ଶିକ୍ଷକ କାଶିନାଥ ରାଉତରାୟ, ସେଖ ମନସୁର ଅଲ୍ଲୀ, କ୍ଷେତ୍ରବାସୀ ସାହୁ, ରାଜେନ୍ଦ୍ର ପ୍ରସାଦ ରାଉତ ଓ ସାବିତ୍ରୀ ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁପ୍ରଭା ନାୟକ, ଗାଙ୍ଗେୟ ବିଶ୍ୱାଳ, ମୀର ରଫିକ ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟ ପାରାଦୀପ ପ୍ରଦୂଷଣ ବୋର୍ଡ ପକ୍ଷରୁ ସଚେତନତା ଅଭିଯାନ



ପାରାଦୀପ (ମହାଭାରତ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପାରାଦୀପ ପୌରପାଳିକା ସହଯୋଗରେ ଏକ ପ୍ରଦୁଷଣ ସଚେତନତା ଅଭିଯାନ ସୋମବାର ଦିନ ଉଦଘାଟିତ ହୋଇଯାଇଛି ।ଚଳିତ ମାସ ୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଚେତନତା ଅଭିଯାନର ପ୍ରଥମ ଉଦଘାଟନୀ ଦିବସରେ ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ଏକ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ଅଧିକାରିଣୀ ବିବେଚିତା ଷଡ଼ଙ୍ଗୀ, ପାରାଦ୍ୱୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଏଏମଏନଏସ ର ସିଇଓ ରାଜଶ୍ରୀ ସିହ୍ନା, ପିପିଏ ଅଧିକାରୀ ସଂଗ୍ରାମ ସାମଲ, ପିପିଏଲ ର ବରିଷ୍ଠ ଅଧିକାରୀ ନାରାୟଣ ସାହୁ, ଆଇଓସିଏଲ ର ବରିଷ୍ଠ ଅଧିକାରୀ ବୃନ୍ଦାବନ ସାହୁ,ଦିବ୍ୟାଲୋଚନ ମହାପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଦ୍ୟୁଷଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଦୂଷଣ ର ଋତୁ ପରିବର୍ତ୍ତନ ରେ ବିରାଟ ସମସ୍ୟା ଦେଖା ଦେବା ଫଳରେ ଏହାର ପ୍ରଭାବ ସିଧାସଳଖ ମାନବ ସମାଜ ଉପରେ ପଡୁଥିଲା ବେଳେ ଜଳଜୀବ, ବୃକ୍ଷ ଲତା ମାନଙ୍କ ଉପରେ ପଡୁଥିବା ପ୍ରଭାବ କି ପ୍ରକାର କ୍ଷତି ପହଞ୍ଚାଉଛି ବିଶୃତ ଭାବେ ଆଲୋଚନା କରିଥିଲେ । ପ୍ଲାଷ୍ଟିକ ଏବଂ ପଲିଥିନ ପ୍ରଦ୍ୟୁଷଣ ମାତ୍ରାକୁ ଗ୍ରାସୀ ଜଳ ଓ ବାୟୁ ପ୍ରଦ୍ୟୁଷଣ ହେବାସହ କୃଷି ଉପରେ ଏହାର କୁ ପ୍ରଭାବ ପଡୁଥିବାରୁ ଏଥିରୁ ମୁକ୍ତି ପାଇଁ ସମସ୍ତେ ସଚେତନତା ଅବଲମ୍ବନ କରିବାକୁ ଶ୍ରୀମତୀ ଷଡ଼ଙ୍ଗୀ ଅନୁରୋଧ କରିଥିଲେ । ସମସ୍ତେ ପଲିଥିନ ଆଉ ପ୍ଲାଷ୍ଟିକ ବ୍ୟବହାର ପ୍ରତି ସଚେତନ ରହିଲେ ସମାଜ ସଚେତନ ହେବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ଦୃଢୋକ୍ତିର ସହ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ର ଛାତ୍ରଛାତ୍ରୀ, ଏନଜିଓ, ସାମାଜିକ କର୍ମୀଙ୍କ ସମେତ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଫ୍ଲାକକାର୍ଡ ଧରି ଏକ ସଚେତନତା ରାଲି ମାର୍କେଟ ପରିକ୍ରମା କରିଥିଲା । ସମସ୍ତ ଅତିଥି ମାନଙ୍କ ସହିତ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ପ୍ରଦ୍ୟୁଷଣ ନିୟନ୍ତ୍ରଣ ନିମିତ୍ତ ଶପଥ ପାଠ କରିଥିଲେ କ୍ଷ ୧୩ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନର ବିଭିନ୍ନ ସ୍ଥାନ ଓ ଦିନରେ ସାମୁହିକ ସ୍ୱଚ୍ଛତା କାର୍ଯ୍ୟକ୍ରମ, ପରିବେଶ ଅନୁକୂଳ କପଡା ବ୍ୟାଗ ବଣ୍ଟନ, ସଚେତନତା ସଭା, ବୃକ୍ଷ ରୋପଣ,ବିଶ୍ୱ ଓଜନ ଦିବସ ଉପରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ପ୍ଲାଷ୍ଟିକ ବର୍ଜନ, ବେଳାଭୂମି ସଫେଇ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅଧିକାରିଣୀ ବିବେଚିତା ଷଡଙ୍ଗୀ ସୂଚନା ଦେଇଛନ୍ତି ।

## ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟରେ 'ଉଲ୍ଲାସ' ଓ 'ନିପୁଣ' କାର୍ଯ୍ୟକ୍ରମ

ଦଶପଲ୍ଲା,(ମହାଭାରତ) : ସ୍ଥାନୀୟ ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷାର ଗୁଣାତ୍ମକ ବିକାଶ ତଥା ମୌଳିକ ସାକ୍ଷରତା ବୃଦ୍ଧି ଉଦ୍ଦେଶ୍ୟରେ 'ଉଲ୍ଲାସ' ଏବଂ 'ନିପୁଣ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ ମୁଖ୍ୟ ଅତିଥି ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମାସୁନ୍ଦର ଯାନୀ, ରବୀନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ପଠନ, ଲିଖନ ଓ ସଂଖ୍ୟାଜ୍ଞାନର ବିକାଶ ସହିତ ନବସାକ୍ଷରତା ଅଭିଯାନକୁ ସଫଳ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ବିକଶିତ ଓଡିଶା ଓ ବିଚ୍ଛିନ୍ନାଞ୍ଚଳର ସମସ୍ୟା ଶୀର୍ଷକ ଆଲୋଚନାଚକ୍ର



**କେନ୍ଦ୍ରାପଡ଼ା,:**ଉତ୍କଳଗୌରବ ମଧୁସୁଦନ ଦାସ ବିଚାରମଞ୍ଚ,ଓଡିଶା କେନ୍ଦ୍ରାପଡା ଶାଖା ପକ୍ଷରୁ ମଞ୍ଚର ଆବାହକ କେଦାରନାଥ ସାମନ୍ତରାୟଙ୍କ ସଭାପତିତ୍ୱରେ 'ବିକଶିତ ଓଡିଶା ଓ ବିଚ୍ଛିନ୍ନାଞ୍ଚଳର ସମସ୍ୟା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରର ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ପ୍ରଚଣ୍ଡବାଗ୍ମୀ ଯଦୁମଣି ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁବାବୁଙ୍କ ଆଦର୍ଶ, ଯଦୁମଣି ମଙ୍ଗରାଜ ଓ ରାଧାକ୍ରିଷ୍ଣନଙ୍କ ଜାତି ଓ ଦେଶ ପାଇଁ ତ୍ୟାଗ ଏବଂ ତପସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ବିକଶିତ ଓଡିଶାର ବିକଳଚିତ୍ର ଓ ବିଚ୍ଛିନ୍ନାଞ୍ଚଳର ବିଭିନ୍ନ ସମସ୍ୟା ଉପରେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ। ରାଜ୍ୟ ବିଚାରମଞ୍ଚ ପକ୍ଷରୁ ପ୍ରଫେସର ଅଦ୍ୱୈତ ପାତ୍ର ଯୋଗଦେଇ ବିକଶିତ ଓଡିଶା ଓ ବିଚ୍ଛିନ୍ନାଞ୍ଚଳର ସମସ୍ୟା ଉପରେ ବିଶେଷ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ନିରୋଦ ଦାସ, ଡ. ସର୍ବେଶ୍ୱର ସେଣ, ପ୍ରଫେସର ଉପେନ୍ଦ୍ର ପ୍ରଧାନ, ଡ. ଚୈତନ୍ୟ ଚରଣ ପରିଡା, ମୁରଲୀଧର ପାତ୍ର, ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କରିଲୋପାଟଣା କଲେଜ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ରନାଥ ନାୟକ, ପଦ୍ମଚରଣ ସାମନ୍ତରାୟ, ଆପଦ ସାମଲ, ଆଦିକନ୍ଦ ରାଉଳ, ଲିଙ୍ଗରାଜ ଶତପଥୀ, ନୃସିଂହ ଚରଣ ପରିଡା, ନରେଶ ମହାନ୍ତି, ବଟକୃଷ୍ଣ ପାଢ଼ୀ, ବିଚିତ୍ରମଞ୍ଜରୀ ତ୍ରିପାଠୀ,ପ୍ରମୋଦ ମହାପାତ୍ର, ସନାତନ ବେହେରା ପ୍ରମୁଖ ଶତାଧିକ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ଦେବେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶା ଓ ମାଦକଦ୍ରବ୍ୟ ସେବନ ଉପରେ ସଚେତନତା




**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର 'ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠ' ପକ୍ଷରୁ ମଙ୍ଗଳବାର 'ନିଶା ଓ ମାଦକ ଦ୍ରବ୍ୟ ସେବନ ଉପରେ ସଚେତନତା, ନିରାକରଣ ଏବଂ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ନିଶା ଓ ମାଦକ ଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ବିଷୟରେ ଅବଗତ କରାଇବା ଏବଂ ଏହାର ପ୍ରତିଷେଧମୂଳକ ପଦକ୍ଷେପ ଗୁଡ଼ିକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ଏବଂ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ମାଦକ ଦ୍ରବ୍ୟ ସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ ତଥା ସାମାଜିକ ଦୁଷ୍ପରିଣାମ ବିଷୟରେ ଯୁବପିଢ଼ିଙ୍କୁ ସଚେତନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଫେସର ଡ. ପୂର୍ବାଶା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ ସହ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା, ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ମାଦକ ଦ୍ରବ୍ୟ ସେବନ ରୋକିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡା. ମିର୍ଜା ବାବର ବେଗ୍ (ଭାରପ୍ରାପ୍ତ ଏଏମ୍, କେନ୍ଦ୍ରାପଡ଼ା) ନିଶା ଓ ମାଦକ ଦ୍ରବ୍ୟ ସେବନର ବିପଦ, ପ୍ରତିରୋଧକ କୌଶଳ ଏବଂ ଉପଯୁକ୍ତ ସମୟରେ ସାହାଯ୍ୟ ନେବାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହା ପରେ ଛାତ୍ରଛାତ୍ରୀମାନଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀମାନେ ନିଜର ଆଶଙ୍କା ଏବଂ ସନ୍ଦେହ ଦୂର କରିବାର ସୁଯୋଗ ପାଇଥିଲେ। 'ଶକ୍ତିଶ୍ରୀ' ସାଥୀ କୁମାରୀ ବୈଶାଖୀ ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନତା ସୃଷ୍ଟି କରିବା, ପ୍ରତିରୋଧମୂଳକ ପଦକ୍ଷେପକୁ ସୁଦୃଢ଼ କରିବା ଏବଂ ଏକ ସୁସ୍ଥ ତଥା ନିରାପଦ ସମାଜ ଗଠନରେ ଯୋଗଦାନ ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।

## ଆଭାସି ମାଧ୍ୟମରେ ସରକାରୀ ଓକିଲଙ୍କର ସମନ୍ୱୟ ବୈଠକ



ଗଜପତି(ମହାଭାରତ): ଶୂନ୍ୟ ଅପରାଧ ସହନଶୀଳତାକୁ ନଜରରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗୃହ ବିଭାଗର ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନଗୋ ସମାଜରେ ବୃଦ୍ଧି ପାଉଥିବା ଅପରାଧର କିପରି ହ୍ରାସ ଘଟିବ ତଥା ସମସ୍ତ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ସେ କଥାକୁ ଚିନ୍ତା କରି ଗଜପତି ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ତଥା ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟାଳୟରେ ସ୍ଥିତ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟରେ ଗଜପତି ଜିଲ୍ଲାର ସମସ୍ତ ପ୍ରସିକ୍ୟୁଟରଙ୍କୁ ନେଇ ଆଜି ଭର୍ଚ୍ୟୁଆଲ (ଆଭାସି) ମାଧ୍ୟମରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଖାପାଖି ଏକ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ପ୍ରସିକ୍ୟୁଟର ତଥା ମୋହନା ନ୍ୟାୟାଳୟର ସରକାରୀ ଓକିଲ ସୁଶାନ୍ତ ମଲ୍ଲିକ ଓ ଆର. ଉଦୟଗିରି ନ୍ୟାୟାଳୟର ସରକାରୀ ଓକିଲ ଦୁର୍ଯ୍ୟୋଧନ କରଡ ଉପସ୍ଥିତ ରହିଥିଲେ।

## ଉନ୍ମୋଚିତ ହେଲା ଉମା ଶଙ୍କର କରଙ୍କ ରଚିତ ଦୁଇଗୋଟି ଇଂରାଜୀ ପୁସ୍ତକ

କଳାହାଣ୍ଡି/ମହାଭାରତ :ଭବାନୀପାଟଣା ଅମଲା ଭବନ ଠାରେ ଉନ୍ମୋଚିତ ହୋଇଯାଇଛି ଉମା ଶଙ୍କର କରଙ୍କ ଦ୍ୱାରା ରଚିତ ଦୁଇ ଗୋଟି ଇଂରାଜୀ ପୁସ୍ତକ 'Tales from Tel Valley ' ଏବଂ 'Legacy of Kalahandi' ଉନ୍ମୋଚନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ଶ୍ରୀଯୁକ୍ତ ପାୱାର ସଚିନ ପ୍ରକାଶ ଯୋଗ ଦେବା ସହ ପୁସ୍ତକ ଦ୍ୱୟର ଉନ୍ମୋଚ କରିଥିଲେ। ଶ୍ରୀଯୁକ୍ତ କର ଜିଲ୍ଲାର ଜଣେ ସୁପ୍ରତିଷ୍ଠିତ ଲେଖକ, ସାରସ୍ୱତ ସାହିତ୍ୟ ସାଧକ, ଗାଳ୍ପିକ ଏକାଧାରରେ ସେ ଜଣେ ଜଣାଶୁଣା ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ । ପିଲା ଦିନୁ ଲେଖା ପଢ଼ାରେ ରୁଚି ରଖିଥିବା ଶ୍ରୀ କର ଆଜି ଜିଲା ତଥା ରାଜ୍ୟ ର ଜଣେ ସୁ ପ୍ରତିଷ୍ଠିତ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।ତାଙ୍କରି ଲିଖନୀ ମୁନରୁ ଉଦ୍ଧୃତ ଦୁଇଗୋଟି ପୁସ୍ତକ ଟେଲ ଭେଲି,ଓ ଲିଗାସୀ ଅଫ୍ କଳାହାଣ୍ଡି , ଜିଲାର ଗୌରବମୟ ଇତିହାସ,ଐତିହ, ପରମ୍ପରା ଏବଂ ଜୀବନ ଜିଇଁବାର କଳା କୌଶଳକୁ ଆଗାମୀ ପିଢ଼ି ପାଇଁ ହୃଦୟରେ ସାଇତି ରଖିବାକୁ ଏକ ସୁନ୍ଦର ପ୍ରୟାସ କରିପାରିଛନ୍ତି ।ଏହି ଦୁଇଗୋଟି ପୁସ୍ତକ ସହ ୨୦ତମ ପୁସ୍ତକ ରଚନାର ସଫଳତା ସେ ପାଇସାରିଛନ୍ତି । ତାଙ୍କ ରଚିତ ପୁସ୍ତକ ମଧ୍ୟରେ କଳାହାଣ୍ଡିର କଥା, ମାଣିକ୍ୟ ଦେବୀ ମାଣିକେଶ୍ୱରୀ, ଐତିହାସିକ ଦୁର୍ଗ ଅସୁର ଗଡ, କାଳନ୍ତରରେ କାନ୍ତାରକ ଆଦି ପାଠକ ପାଠିକା ଙ୍କ ନିକଟରେ ବେଶ ଆଦୃତ ଲାଭ କରିପାରିଛି । ଉକ୍ତ ଉନ୍ମୋଚନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ମୁଖ୍ୟ ଡ଼. ଜୟଦେବ ସାହୁ, ଇତିହାସ ବିଭାଗର ମୁଖ୍ୟ ଡ଼. ନଳିନୀକାନ୍ତ ରଣା, ପ୍ରଗତି ଇନଷ୍ଟିଚୁଟ ର ଅଦ୍ଧକ୍ଷ୍ୟ ଶ୍ରୀଯୁକ୍ତ ଅଜୟ କୁମାର ପଣ୍ଡା, ଏବଂ ଲେଖକ ଶ୍ରୀଯୁକ୍ତ ଉମା ଶଙ୍କର କର ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ପ୍ରଦାନ କରିବା ସହ ଲୋକାର୍ପିତ ପୁସ୍ତକ ସମ୍ବନ୍ଧିୟ ସାମ୍ୟକ ସୂଚନା ମଧ୍ୟ ପାଠକ ପାଠିକା ଙ୍କ ଉଦ୍ୟାଶ ରେ ନିଜର ମୂଲ୍ୟବାନ ବକ୍ତ୍ୟବ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ସତ୍ୟନାରାୟଣ ମହାପାତ୍ର ସଂଚାଳନ କରିଥିବା ବେଳେ ଶ୍ରୀଯୁକ୍ତ କରଙ୍କ ସହଧର୍ମିଣୀ ଜିଲ୍ଲା ର ଗର୍ବ ଏବଂ ଗୌରବ ତଥା ସୁପ୍ରତିଷ୍ଠିତ ଲେଖିକା ଶ୍ରୀମତୀ ଦେବହୂତି କର ଧନ୍ୟବାଦ ଅର୍ପଣ କରିଥିଲେ।ଏବଂ ଉକ୍ତ ସମାରୋହରେ ଜିଲାର ବହୁ ସାମ୍ବାଦିକ, ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଖର୍ସନମାଲ ସରପଞ୍ଚ ଅନାସ୍ଥା ପରେ ନାଏବ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



**ଜମନକିରା:** ଜମନକିରା ବ୍ଲକ ଅନ୍ତର୍ଗତ ଖର୍ସନମାଲ ପଞ୍ଚାୟତର ସରପଞ୍ଚ ମାୟାବତୀ ମୁଣ୍ଡାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ରାୟ ର ସ୍ଥଗିତାଦେଶ ହଟିଲା ପରେ ଜିଲ୍ଲା ପ୍ରଶାସନର ସେପଟ୍ମେର ୩ ତାରିଖରେ ବାହାରିଥିବା ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ସୋମବାର ନାଏବ ସରପଞ୍ଚ ମହେନ୍ଦ୍ର ଝାଙ୍କର ବିଧିବଦ୍ଧ ଭାବରେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନାଏବ ସରପଞ୍ଚ ମହେନ୍ଦ୍ର ଝାଙ୍କର ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପିଇଓ ଧର୍ମେନ୍ଦ୍ର ନାଥଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ସରପଞ୍ଚ ଭାବରେ ପଦ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ପ୍ରତିନିଧି ସୁନିଲ ମୁଦୁଲି, ଜିଲ୍ଲା ଏକଜିକ୍ୟୁଟିଭ ସଭ୍ୟ ରାଜୀବ ନାଏକ, ଦିଲୀପ ବେହେରା, ଖର୍ସନମାଲ ଗ୍ରାମପଞ୍ଚାୟତ ପ୍ରଭାରୀ ସୁଦାମ ପଧାନ, ଜମନକିରା ବିଜେପି ଅନୁସୂଚିତ ଜନଜାତି ମଣ୍ଡଳ ସଭାପତି ନରେଶ ବେହେରା, ଜମନକିରା ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ସୁଶାନ୍ତ ପଧାନ, ଜିଲ୍ଲା ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଲିପ ସାହୁ, ଖର୍ସନମାଲ ପଞ୍ଚାୟତ ସଭାପତି ସୁରେନ୍ଦ୍ର ପଧାନ ତଥା ଖର୍ସନମାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଇଟର ଝାଙ୍କର ଉପସ୍ଥିତ ଥିଲେ। ଏଡିଇଓ ହରପ୍ରସାଦ ସାହୁ, ପ୍ରାୟ ୯ଜଣ ୱାର୍ଡ ମେମ୍ବର ମଧ୍ଯ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ କୃଷ୍ଣ ମଟାରୀ , ସୁରେନ୍ଦ୍ର ସାହୁ, ସୁରଞ୍ଜନ ବାଦଲୀ, ସମୀର ସାହୁ, ଅମିର ସାହୁ, ରମାକାନ୍ତ ପଧାନ ପ୍ରଭୃତି ଯୋଗ ଦେଇଥିଲେ।

## ମହିପୁରରେ ଜୋନାଲ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୬ଟି ବିଦ୍ୟାଳୟରୁ ୧୬୫ ପ୍ରତିଯୋଗୀ ଅଂଶଗ୍ରହଣ



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମହିପୁର ଜୋନ୍‌ରେ ମଙ୍ଗଳବାର ଠାରୁ ଦୁଇଦିନ ଧରି ଜୋନାଲ୍ ସ୍ତରୀୟ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଆରମ୍ଭ ହୋଇଛି ।ମହିପୁର ଜୋନ୍‌ର ୬ଟି ବିଦ୍ୟାଳୟରୁ ମୋଟ ୧୬୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ନୂଆଗାଁ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ମହିପୁର ଜୋନ୍‌ର ସଭାପତି ଶ୍ରୀ ନିରଞ୍ଜନ ଦାସ ଏବଂ ବ୍ଲକ୍ ସ୍କୁଲ୍ ସ୍ପୋର୍ଟସ୍ ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।ନୂଆଗାଁ ବ୍ଲକ୍‌ର ୩ଟି ଜୋନ୍‌ରେ ଏକାସାଙ୍ଗରେ ଜୋନାଲ୍ ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ଚାଲିଥିବା ବେଳେ ମହିପୁର ଜୋନ୍‌ରେ ମଧ ବିଭିନ୍ନ ଖେଳରେ ଛାତ୍ରଛାତ୍ରୀମାନେ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।ଜୋନାଲ୍ ସ୍ତରରେ ବିଭିନ୍ନ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ କରି ମନୋନୀତ ହେଉଥିବା ଖେଳାଳିମାନେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏହାକୁ ନେଇ ସମସ୍ତ ଖେଳାଳି,ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି ।

# ମୋଦୀ-ପେଜେସ୍କିଆନ୍ ସାକ୍ଷାତ୍ ପରେ ଭାରତ ସହ ସମ୍ପର୍କକୁ ପ୍ରଶଂସା କଲା ଇରାନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୩୧ରେ କିର୍ଗିଜସ୍ତାନର ରାଜଧାନୀ ବିଶକେକ୍‌ରେ ଏସ୍‌ସିଓ ସମ୍ମିଳନୀ ଅବସରରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ସହ ସାକ୍ଷାତ୍ କରିଥିଲେ । ଏହାର କିଛିଦିନ ପରେ ଇରାନ ଭାରତ ସହ ନିଜର ସମ୍ପର୍କକୁ 'ଦୀର୍ଘକାଳୀନ, ଐତିହାସିକ ଓ ସଭ୍ୟତାଗତ' ବୋଲି ବର୍ଣ୍ଣନା କରିଛି । ଇରାନୀ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବଘାଇ କହିଛନ୍ତି ଯେ ତେହେରାନ ଭାରତ ସହ ସମ୍ପର୍କକୁ ବେଶ୍ ଗୁରୁତ୍ୱ ଦେଉଛି ଏବଂ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗ ସମେତ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶର ଭଲ ସମ୍ପର୍କ ରହିଛି ।

ବଘାଇ କହିଛନ୍ତି ଯେ ଭାରତ-ଇରାନ ଆଲୋଚନାରେ ବିଭିନ୍ନ ପ୍ରସଙ୍ଗ ସହ ଚବାହାର ବନ୍ଦର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆଗାମୀ ଦିନରେ ଭାରତରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀକୁ ମଧ୍ୟ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସ୍ୱାର୍ଥର ବିଷୟ ନେଇ ଆଲୋଚନା ଜାରି ରଖିବାର ସୁଯୋଗ ଭାବେ ଇରାନ ଦେଖୁଛି । ଚଳିତ ବର୍ଷ ବ୍ରିକ୍ସ ସମ୍ମିଳନୀ ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୨-୧୩ରେ ହେବ । ବିଶକେକ୍ ସାକ୍ଷାତରେ ମୋଦୀ ଓ ପେଜେସ୍କିଆନ୍ ଦ୍ୱିପାକ୍ଷିକ ସମ୍ପର୍କ ସହ ପଶ୍ଚିମ ଏସିଆର ସ୍ଥିତି ନେଇ ଆଲୋଚନା କରିଥିଲେ । ଭାରତ ଅଞ୍ଚଳରେ ଦୀର୍ଘସ୍ଥାୟୀ ଶାନ୍ତି ପାଇଁ ଉଦ୍ୟମକୁ ସମର୍ଥନ କରିଥିବାବେଳେ ବାଣିଜ୍ୟ, ଜାହାଜ ଚଳାଚଳ ଓ ନାବିକଙ୍କ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

ମୋଦୀ ଭାରତ-ଇରାନ ବାଣିଜ୍ୟକୁ ଆହୁରି ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ସାକ୍ଷାତକୁ ନେଇ ଆମେରିକା ମଧ୍ୟ ପ୍ରତିକ୍ରିୟା ଦେଇଥିଲା । ଆମେରିକୀୟ ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଥିଲେ ଯେ ଭାରତ ଓ ଇରାନ ମଧ୍ୟରେ ବର୍ତ୍ତମାନ କୌଣସି ବାଣିଜ୍ୟିକ ଚୁକ୍ତି ନେଇ ଆଲୋଚନା ଚାଲିଥିବା ସେ ଭାବୁନାହାନ୍ତି । ଏଥିସହ ଇରାନ ଉପରେ ଆମେରିକୀୟ କଟକଣା ଏଡ଼ାଇବାରେ ସହାୟତା କରୁଥିବା ଦେଶ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯାଇପାରେ ବୋଲି ସେ ଚେତାବନୀ ଦେଇଥିଲେ ।

## ୬୦ କୋଟିର ଆର୍ଥିକ ଅନିୟମିତତା ! ଟିଏମ୍‌ସି ସାଂସଦଙ୍କ ଖବରକାଗଜରେ ଇଡି ଚଢ଼ଉ



କୋଲକାତା : ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ରାଜ୍ୟସଭା ସାଂସଦ ନଦିମୁଲ ହକ୍‌ଙ୍କ ସହ ଜଡ଼ିତ ଉର୍ଦ୍ଦୁ ଖବରକାଗଜ 'ଅଖବାର-ଏ-ମଶ୍ରିକ୍'ରେ ପ୍ରାୟ ୬୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଇଡି ଜାଣିବାକୁ ପାଇଛି । ସୋମବାର ସକାଳୁ ହକ୍ ଓ ତାଙ୍କ ଗଣମାଧ୍ୟମ ସଂସ୍ଥା ସହ ଜଡ଼ିତ କୋଲକାତା, ଦିଲ୍ଲୀ ଓ ରାଞ୍ଚିର ୭ଟି ସ୍ଥାନରେ ଚାଲିଥିବା ତଲାସି ମଙ୍ଗଳବାର ସକାଳେ ଶେଷ ହୋଇଛି । ଏହି ସମୟରେ ଇଡି ଅଧିକାରୀମାନେ ବ୍ୟାଙ୍କ କାରବାର, ଆର୍ଥିକ ଦଲିଲ ଓ ଡିଜିଟାଲ୍ ତଥ୍ୟ ଯାଞ୍ଚ କରିଛନ୍ତି । ଇଡି ସୂତ୍ର ଅନୁଯାୟୀ, ପ୍ରାୟ ୬୦ କୋଟି ଟଙ୍କାର କାରବାରରେ ଅସଙ୍ଗତି ମିଳିଛି । ଏହି ଟଙ୍କା ପ୍ରକୃତ ବ୍ୟବସାୟିକ କାରବାରର ଅଂଶ ଥିଲା କି ଅନୌପଚାରିକ ମାଧ୍ୟମ, ବିଶେଷକରି ହାୱାଲା ଜରିଆରେ ସ୍ଥାନାନ୍ତର ହୋଇଥିଲା, ତାହା ଯାଞ୍ଚ କରାଯାଉଛି । ଏଥିସହ ଟିଏମ୍‌ସି ସହ ଜଡ଼ିତ ଟଙ୍କାର ଗତିବିଧି ମଧ୍ୟ ଯାଞ୍ଚ ହେଉଛି । ତଲାସି ଆରମ୍ଭ ବେଳେ ହକ୍ ରାଞ୍ଚିରେ ଥିଲେ ।

## ବାୟୁ ଚାପ ଯୋଗୁ ଆକାଶରେ ଚକ୍କର କାଟିଲା ଦିଲ୍ଲୀ-ଲକ୍ଷ୍ନୌ ବିମାନ



ଲକ୍ଷ୍ନୌ : ଦିଲ୍ଲୀରୁ ଲକ୍ଷ୍ନୌକୁ ଉଡ଼ାଣ କରୁଥିବା ଏକ ବିମାନ ଆଜି ଦ୍ୱିତୀୟ ଉଦ୍ୟମରେ ଲକ୍ଷ୍ନୌ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରିଛି । ରିପୋର୍ଟ ଅନୁଯାୟୀ, ବିମାନଟି ଅବତରଣ କରିବା ସମୟରେ ଆକାଶରେ କିଛି ସମୟ ଚକ୍କର କାଟିଥିଲା । ପ୍ରବଳ ବାୟୁ ଚାପ ପାଇଁ ବିମାନଟି ପ୍ରଥମ ଉଦ୍ୟମରେ ଅବତରଣ କରିବାରେ ବିଫଳ ହୋଇଥିଲା । ପାଇଲଟ ଏହାପରେ ଦ୍ୱିତୀୟ ଉଦ୍ୟମରେ ବିମାନକୁ ସୁରକ୍ଷିତ ଅବତରଣ କରାଇଥିଲେ । ମିଳିଥିବା ସୂଚନାନୁଯାୟୀ, ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧୭ ଦିଲ୍ଲୀରୁ ଲକ୍ଷ୍ନୌକୁ ଉଡ଼ାଣ କରୁଥିଲା । ବିମାନରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଥିଲେ । ବିମାନଟି ଲକ୍ଷ୍ନୌ ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଏହା ଅପରାହ୍ଣ ପ୍ରାୟ ୩ଟା ୪୫ ସମୟରେ ଆକାଶରେ ଚକ୍କର କାଟିଥିଲା । ପାଇଲଟ ଏହାପରେ ଦ୍ୱିତୀୟ ଉଦ୍ୟମ କରିଥିଲେ । ପାଖାପାଖି ୧୦ ମିନିଟ୍ ପରେ ଅପରାହ୍ଣ ୩.୫୫ରେ ବିମାନଟି ଲକ୍ଷ୍ନୌ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରିଥିଲା । ବିମାନ ଅବତରଣ କରିବା ପରେ ରାହୁଲଙ୍କ ସମେତ ଅନ୍ୟ ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ବିମାନରୁ ବାହାରିଥିଲେ ।

## ନିଶା ସମସ୍ୟା ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିବା ପରଦିନ ଗୁଲଜାରଙ୍କ ଆତ୍ମହତ୍ୟା



ଚଣ୍ଡୀଗଡ଼ : ପଞ୍ଜାବରେ ନିଶାଦ୍ରବ୍ୟ ବିକ୍ରି ଓ ସେବନ ସମସ୍ୟା ନେଇ ଅର୍ଥମନ୍ତ୍ରୀ ହରପାଲ ସିଂହ ଚୀମାଙ୍କୁ ପ୍ରଶ୍ନ କରିବାର ପରଦିନ ସଙ୍ଗରୁର ଜିଲ୍ଲାର ଜଣେ ୫୦ ବର୍ଷୀୟ ବ୍ୟକ୍ତି ଗୁଲଜାର ସିଂହଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ରାଜନୈତିକ ବିବାଦ ତେଜିଛି । ଗୁଲଜାର ବିଷାକ୍ତ ପଦାର୍ଥ ଖାଇବା ପରେ ଲୁଧିଆନାର ଡିଏମ୍‌ସି ହସ୍ପିଟାଲରେ ସୋମବାର ରାତିରେ ପ୍ରାଣ ହରାଇଥିଲେ । ତୁର ବଞ୍ଜାରା ଗାଁର ବାସିନ୍ଦା ଗୁଲଜାର ଚୀମାଙ୍କ ଗାଁ ଗସ୍ତ ସମୟରେ ରାଜ୍ୟରେ ଖୋଲାଖୋଲି ନିଶାଦ୍ରବ୍ୟ ବିକ୍ରି ହେଉଥିବା ଓ ତାଙ୍କ ପୁଅ ନିଶାସକ୍ତ ଥିବା ଅଭିଯୋଗ କରିଥିଲେ । ପରେ ପ୍ରଶ୍ନ କରିଥିବାରୁ ତାଙ୍କୁ ପଞ୍ଚାୟତ ସଦସ୍ୟମାନେ କ୍ଷମା ମାଗିବାକୁ ଚାପ ପକାଇଥିବା ଗୁଲଜାରଙ୍କ ପରିବାର ଅଭିଯୋଗ କରିଛି । ମୃତ୍ୟୁ ପୂର୍ବରୁ ରେକର୍ଡ ହୋଇଥିବା ଭିଡିଓରେ ସେ ଚୀମା ଓ ସରପଞ୍ଚଙ୍କୁ ଦାୟୀ କରିଥିବା ଦାବି କରାଯାଇଛି । ତେବେ ଚୀମା କୌଣସି ଭୁଲ କରିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଏହି ଘଟଣାରେ ପୁଲିସ ସରପଞ୍ଚ ବଲଜିନ୍ଦର କୌର, ତାଙ୍କ ସ୍ୱାମୀ ବଲଜିନ୍ଦର ସିଂହ ଓ ଅନ୍ୟମାନଙ୍କ ସମେତ ୫ ଜଣଙ୍କ ବିରୋଧରେ ମାମଲା କରିଛି । ଏଫଆଇଆର୍‌ରେ ଚୀମାଙ୍କ ନାମ ନାହିଁ । ଘଟଣାରେ ଜାତୀୟ ମାନବାଧିକାର କମିସନ୍ ମଧ୍ୟ ଦୃଷ୍ଟି ଦେଇଛି । ଏହାର କିଛି ଦିନ ପୂର୍ବରୁ, ସେପ୍ଟେମ୍ବର ୨ରେ ସଙ୍ଗରୁରରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ 'ଲୋକ ମିଳନି' କାର୍ଯ୍ୟକ୍ରମ ସମୟରେ ମୋହନଜିତ ସିଂହ ନାମକ ଜଣେ ବ୍ୟକ୍ତି କଳା ପତାକା ଦେଖାଇ ନିଶାଦ୍ରବ୍ୟ ସମସ୍ୟା ନେଇ ବିରୋଧ କରିଥିଲେ ।

## ଭାରତ-ବାଂଲାଦେଶ ମଧ୍ୟରେ ପୁଣି ଗଡ଼ିବ ଟ୍ରେନ

ନୂଆଦିଲ୍ଲୀ : ଭାରତ ଏବଂ ବାଂଲାଦେଶ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି । ଦୁଇ ଦେଶ ମଧ୍ୟରେ ପୁଣି ଥରେ ରେଳ ସେବା ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଜୋରଦାର ହେଉଛି । କେବଳ ପୁରୁଣା ଟ୍ରେନ୍ ନୁହେଁ, ବରଂ ଏକ ନୂତନ ରେଳ ସେବା ଯୋଡ଼ିବା ପାଇଁ ମଧ୍ୟ ଯୋଜନା କରାଯାଉଛି । ଏହି ପରିପ୍ରେକ୍ଷୀରେ, ମଙ୍ଗଳବାର ଦିନ ଭାରତ ଓ ବାଂଲାଦେଶର ରେଳ ଅଧିକାରୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ବାଂଲାଦେଶର ରାଜଶାହୀରୁ କୋଲକାତା ମଧ୍ୟରେ ଏକ ନୂତନ ଟ୍ରେନ୍ ଚଳାଇବା ପାଇଁ ପ୍ରସ୍ତାବ ଦିଆଯାଇପାରେ । ଏଥିସହିତ, ପୂର୍ବରୁ ବନ୍ଦ ରହିଥିବା ମୈତ୍ରୀ ଏକ୍ସପ୍ରେସ, ମିତାଲୀ ଏକ୍ସପ୍ରେସ ଏବଂ ବନ୍ଧନ ଏକ୍ସପ୍ରେସକୁ ପୁଣି ଥରେ ଚଳାଇବାକୁ ନିଷ୍ପତ୍ତି ନିଆଯାଇପାରେ । ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଏହି ତିନୋଟି ଯାକ ଟ୍ରେନ୍ ଟ୍ରାକକୁ ଫେରିବା ନେଇ ଆଶା କରାଯାଉଛି ।

## ଦିଲ୍ଲୀରେ ୨୦୦ ଘରୋଇ ହଷ୍ଟେଲ ବିପଦରେ



AFP

ନୂଆଦିଲ୍ଲୀ : ଦିଲ୍ଲୀର ସତ୍ୟ ନିକେତନରେ ପିଜି କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ହେବାପରେ ଏବେ ଅନ୍ୟ ହଷ୍ଟେଲ୍‌ଗୁଡ଼ିକର ସ୍ଥିତିକୁ ଭଲଭାବେ ଯାଞ୍ଚ କରାଯାଇଛି । ଦିଲ୍ଲୀର ଜଣେ ଅଧିକାରୀ ନିଜର ନାଁ ପ୍ରକାଶ ନକରି କହିଛନ୍ତି ଯେ ୨୦୦ରୁ ଅଧିକ ପିଜି ହଷ୍ଟେଲ୍ ବିପଜ୍ଜନକ ଶ୍ରେଣୀରେ ରହିଛି । ଏହି ପିଜି ହଷ୍ଟେଲ୍ ସମେତ ସହରର ଅନ୍ୟ ପିଜି ହଷ୍ଟେଲ୍‌ଗୁଡ଼ିକର ଭିତ୍ତିଭୂମିକୁ ଭଲଭାବେ ପରୀକ୍ଷା କରାଯିବ । ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକ ପରେ ଅଧିକ କଠୋର ନିୟମ ଉପରେ ବିଚାର କରାଯାଉଛି । ଦୁଃଖଦ ସତ୍ୟ ନିକେତନ ଘଟଣା ପରେ ଏମ୍‌ସିଡି ଡେପୁଟି କମିସନର, ଏକ୍ଜିକ୍ୟୁଟିଭ ଇଞ୍ଜିନିୟର, ସୁପରିଣ୍ଟେଣ୍ଡିଙ୍ଗ ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜୁନିଅର ଇଞ୍ଜିନିୟର ନିଲମ୍ବିତ ହୋଇଛନ୍ତି । କୋଠାର ମାଲିକ ଗିରଫ ହୋଇଛନ୍ତି । ଦିଲ୍ଲୀରେ ସ୍ୱୀକୃତି ନଥାଇ ନିର୍ମାଣ ହୋଇଥିବା ୫ ମହଲା କୋଠାକୁ ତୁରନ୍ତ ସିଲ୍ କରାଯାଇଛି । ନିକଟସ୍ଥ ପିଜି ଓ କୋଠାଗୁଡ଼ିକୁ ଭଲଭାବେ ଯାଞ୍ଚ କରାଯାଉଛି ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ଏକ ଟ୍ୱିଟ୍ କରି କହିଛନ୍ତି, ଦିଲ୍ଲୀ ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି । ଏଥିପାଇଁ ଯିଏ ବି ଦାୟୀ ତାକୁ ଛଡ଼ାଯିବନି ବୋଲି ସେ କହିଛନ୍ତି । ଏହି ଘଟଣା ପରେ ଅସନ୍ତୁଷ୍ଟ ଛାତ୍ରମାନେ ବି ପାଟି ଖୋଲିଛନ୍ତି । ସେମାନେ ପାଣି ସମସ୍ୟା, ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଏବଂ ସେୟାର୍ ରୁମ୍ ଭଡ଼ା ୧୦ ହଜାରରୁ ୨୦ ହଜାର ପଡ଼ୁଛି ବୋଲି କହିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ କହିଛନ୍ତି, ବିଜୟନଗରରେ ମୁଁ ଏକ ପିଜିରେ ରହୁଥିଲି । ଯେଉଁଠାରେ ସତ୍ୟ ନିକେତନ ଭଳି ସ୍ଥିତି ରହିଛି । ଭଡ଼ା ବହୁତ ଅଧିକ ରହିଛି ଏବଂ ଭଲ ସୁବିଧା ବି ଉପଲବ୍ଧ ନାହିଁ । ସେ ବିଦ୍ୟୁତ୍ ବିଲ୍‌କୁ ଛାଡ଼ି ଭଡ଼ା ୧୪ ହଜାର ଟଙ୍କା ଦେଉଥିବା କହିଛନ୍ତି ।

## ନାରାଜ ଫୁଫା ଜୀ'ଙ୍କୁ ଏବେ କାମ ମିଳିଗଲା: ରାହୁଲଙ୍କୁ ଟାର୍ଗେଟ୍ କଲେ ମୋଦୀ

ବଡ଼ୋଦରା: ବିକାଶମୂଳକ କାର୍ଯ୍ୟକୁ ନେଇ ସରକାରଙ୍କୁ ପ୍ରଶ୍ନ କରୁଥିବା ବିରୋଧୀଙ୍କୁ ମଙ୍ଗଳବାର ପୁଣି ଥରେ ଟାର୍ଗେଟ୍ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗୁଜରାଟର ବଡୋଦରାରେ 'ନମୋ ଫର୍ ବିକଶିତ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ ସେ 'ନାରାଜ ଫୁଫା ଜୀ' ବା 'ରାଗୀ ପିଇସା' ଭଳି ଶବ୍ଦ ବ୍ୟବହାର କରି ସମାଲୋଚକଙ୍କୁ କଟାକ୍ଷ କରିଥିଲେ । ଏହି ଅବସରରେ ସେ ପ୍ରାୟ ୩୫,୦୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨,୮୦୦ କିଲୋମିଟର ଦୀର୍ଘ ଉତ୍ସର୍ଗୀକୃତ ମାଲବାହୀ ରେଳପଥ (ଫ୍ରେଟ୍ କରିଡର୍) ରହିଛି । ଏହାକୁ ମୋଦୀ ଏକବିଂଶ ଶତାବ୍ଦୀର ଏକ ଐତିହାସିକ ସଫଳତା ବୋଲି କହିଛନ୍ତି । ବିକାଶର ଗତି ଓ ସରକାରଙ୍କ କାର୍ଯ୍ୟଶୈଳୀରେ ୨୦୧୪ ପରଠାରୁ ପରିବର୍ତ୍ତନ ଆସିଛି ବୋଲି ସେ କହିଥିଲେ । ମୋଦୀ କହିଥିଲେ ଯେ ଏହି ଫ୍ରେଟ୍ କରିଡର୍ ପ୍ରକଳ୍ପ ୨୦୦୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ପରିକଳ୍ପିତ ହୋଇଥିଲା । କିନ୍ତୁ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ଉପା ସରକାର ସମୟରେ ଏହାର କାମ ଆଗେଇ ନଥିଲା । ୨୦୧୪ରେ ବିଜେପି ସରକାରକୁ ଆସିବା ପରେ ଏହାର କାମ ତ୍ୱରାନ୍ୱିତ ହୋଇଥିବା ସେ ଦାବି କରିଥିଲେ । ଫ୍ରେଟ୍ କରିଡର୍‌ର ଆବଶ୍ୟକତାକୁ ନେଇ ପ୍ରଶ୍ନ କରୁଥିବା ଲୋକଙ୍କୁ କଟାକ୍ଷ କରି ମୋଦୀ କହିଥିଲେ, ଏବେ ଜଣେ 'ନାରାଜ ଫୁଫା ଜୀ' ପଚାରିବେ ଟ୍ରକ୍ ଚାଳକମାନେ କ'ଣ କରିବେ । ଏବେ ଫୁଫା ଜୀଙ୍କୁ କାମ ମିଳିଗଲା ବୋଲି ସେ କହିଥିଲେ । ସେ କାହାର ନାଁ ନେଇନଥିଲେ । ତେବେ ଏହି ମନ୍ତବ୍ୟ ରାହୁଲ ଗାନ୍ଧୀଙ୍କୁ ଲକ୍ଷ୍ୟ କରି କରାଯାଇଥିବା ଚର୍ଚ୍ଚା ହେଉଛି । ମୋଦୀ କହିଥିଲେ, ସ୍ୱାଧୀନତା ପରେ ମଧ୍ୟ ଯେଉଁ ଅଞ୍ଚଳଗୁଡ଼ିକ ରେଳ ସଂଯୋଗରୁ ବଞ୍ଚିତ ଥିଲେ, ଫ୍ରେଟ୍ କରିଡର୍ ସେଠାକୁ ରେଳ ସଂଯୋଗ ନେଉଛି । ଏହା ଦେଶର ଯୋଗାଣ ଶୃଙ୍ଖଳାକୁ ମଜବୁତ କରିବା ସହ ଆତ୍ମନିର୍ଭରତାକୁ ବଢ଼ାଇବ । ପୂର୍ବ ସରକାରକୁ ଟାର୍ଗେଟ୍ କରି ମୋଦୀ ଆହୁରି କହିଥିଲେ ଯେ ୨୦୧୪ ପରଠାରୁ ଭାରତ ୫୦,୦୦୦ ଆଧୁନିକ ରେଳ କୋଚ୍ ନିର୍ମାଣ କରିଛି । ପୂର୍ବ ସରକାର ୧୦ ବର୍ଷରେ ୫୦,୦୦୦ ଶୌଚାଳୟ ମଧ୍ୟ ନିର୍ମାଣ କରିପାରିନଥିଲା । ଭାରତ ଏବେ 'ଚିପ୍‌ରୁ ଜାହାଜ' ପର୍ଯ୍ୟନ୍ତ ଦେଶରେ ନିର୍ମାଣ କରି ନୂଆ ଉତ୍ପାଦନ ଯୁଗରେ ପ୍ରବେଶ କରୁଛି ବୋଲି ସେ କହିଥିଲେ ।

## କେନ୍ଦ୍ର ସରକାରଙ୍କ ବଡ଼ ଘୋଷଣା: ଏବେ ୨୧ ହଜାର ପର୍ଯ୍ୟନ୍ତ ଦରମା ପାଉଥିବା କର୍ମଚାରୀଙ୍କୁ ମିଳିବ ବୋନସ୍

ନୂଆଦିଲ୍ଲୀ, ୦୮/୦୯: କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦୁଇଟି ନୂଆ ବିଜ୍ଞପ୍ତି ଜାରି କରାଯାଇଛି । ନୂଆ ନିୟମ ଅନୁଯାୟୀ, ଏବେ ମାସିକ ୨୧,୦୦୦ ଟଙ୍କା ପର୍ଯ୍ୟନ୍ତ ଦରମା ପାଉଥିବା ସମସ୍ତ କର୍ମଚାରୀଙ୍କୁ ବୋନସ୍ ?ର ଲାଭ ମିଳିବ । ନିଯୋକ୍ତା ବା କମ୍ପାନି ମାଲିକଙ୍କ ପାଇଁ ଏହି ବୋନସ୍ ? ଦେବା ବାଧ୍ୟତାମୂଳକ କରାଯାଇଛି । ତେବେ ଯେଉଁ କର୍ମଚାରୀଙ୍କ ଦରମା ୨୧,୦୦୦ ଟଙ୍କାରୁ ଅଧିକ, ସେମାନଙ୍କ କ୍ଷେତ୍ରରେ ଏହି ବୋନସ୍ ? ବାଧ୍ୟତାମୂଳକ ନୁହେଁ । 'ୱେଜ୍ ? କୋଡ୍ ? ୨୦୧୯' ଅନୁଯାୟୀ, ବୋନସ୍ ପାଇବା ପାଇଁ ଜଣେ କର୍ମଚାରୀଙ୍କୁ ବର୍ଷକୁ ଅତିକମରେ ୩୦ ଦିନ କାମ କରିବା ଆବଶ୍ୟକ । ଯୋଗ୍ୟ କର୍ମଚାରୀଙ୍କୁ ସର୍ବନିମ୍ନ ୮.୩୩ ପ୍ରତିଶତରୁ ସର୍ବାଧିକ ୨୦ ପ୍ରତିଶତ ପର୍ଯ୍ୟନ୍ତ ବାର୍ଷିକ ବୋନସ୍ ? ମିଳିବ । ଏହି ବୋନସ୍ ?ର ଗଣନା ମାସିକ ୭,୦୦୦ ଟଙ୍କା କିମ୍ବା ସମ୍ପୃକ୍ତ ରାଜ୍ୟର ସର୍ବନିମ୍ନ ମଜୁରୀ (ଯେଉଁଟି ଅଧିକ ଥିବ) ଆଧାରରେ କରାଯିବ । ଧରନ୍ତୁ, ଜଣେ କର୍ମଚାରୀଙ୍କ ମାସିକ ସର୍ବନିମ୍ନ ମଜୁରୀ ୧୨,୦୦୦ ଟଙ୍କା । ଏହି କ୍ଷେତ୍ରରେ ତାଙ୍କର ବାର୍ଷିକ ବୋନସ୍ ? ଗଣନା (୧୨,୦୦୦ ̧ ୮.୩୩% ̧ ୧୨) ଅନୁସାରେ ପ୍ରାୟ ୧୧,୯୯୫ ଟଙ୍କା ହେବ । ଯଦି କୌଣସି କର୍ମଚାରୀଙ୍କ ଦରମା ୧୫,୦୦୦ ଟଙ୍କା ହୋଇଥାଏ ଏବଂ ରାଜ୍ୟର ସର୍ବନିମ୍ନ ମଜୁରୀ ୧୦,୦୦୦ ଟଙ୍କା ଥାଏ, ତେବେ ୧୦,୦୦୦ ଟଙ୍କା ଆଧାରରେ ହିଁ ବୋନସ୍ ହିସାବ କରାଯିବ ।

ନିୟମ ଅନୁସାରେ, ଆର୍ଥିକ ବର୍ଷ ଶେଷ ହେବାର ୮ ମାସ ମଧ୍ୟରେ ବୋନସ୍ ରାଶି କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ ପଡ଼ିବ । ଯଦି ନିଯୋକ୍ତା କୌଣସି ଯଥାର୍ଥ କାରଣ ଦର୍ଶାନ୍ତି, ତେବେ ଏହି ସମୟସୀମାକୁ ସର୍ବାଧିକ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ପୂର୍ବର 'ପେମେଣ୍ଟ ଅଫ୍ ବୋନସ୍ ଆକ୍ଟ, ୧୯୬୫'ରେ ମଧ୍ୟ ୮ ମାସର ସମୟସୀମା ଧାର୍ଯ୍ୟ କରାଯାଇଥିଲା । ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ନିମ୍ନ ଓ ମଧ୍ୟମ ଆୟକାରୀ ବର୍ଗର ଲକ୍ଷ ଲକ୍ଷ ଶ୍ରମିକ ଉପକୃତ ହେବେ ।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ, ପୂର୍ବତନ ନ୍ୟୁଜ୍ ଆଙ୍କର୍ ହୁଦା ଜରିୱାଲା ଗିରଫ

ନୂଆଦିଲ୍ଲୀ : ଉତ୍ତରପ୍ରଦେଶର ସାହାରନପୁର କଲେକ୍ଟରେଟ ପରିସରରେ ଥିବା ଏକ ମସଜିଦ ଉଚ୍ଛେଦକୁ ନେଇ ସୋସିଆଲ ମିଡିଆରେ ଆପତ୍ତିଜନକ ଓ ଭଡ଼କାଉ ଟିପ୍ପଣୀ କରିଥିବା ଅଭିଯୋଗରେ ପୁଲିସ ହୁଦା ଜରିୱାଲାଙ୍କୁ ଗିରଫ କରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ସାହାରନପୁର ଜିଲ୍ଲାପାଳଙ୍କ ବିରୋଧରେ ଅପମାନଜନକ ପୋଷ୍ଟ କରିଥିବା ନେଇ ଅଧିବକ୍ତା ଦୁଷ୍ୟନ୍ତ ସିଂଙ୍କ ତେହେରିର ଆଧାରରେ ସଦର ବଜାର ଥାନାରେ ଏହି ମାମଲା ରୁଜୁ ହୋଇଥିଲା । ପୁଲିସ ସୂଚନା ଅନୁଯାୟୀ, ଗତ ୭ ସେପ୍ଟେମ୍ବରରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ନେତାଙ୍କ ସାହାରନପୁର ଗସ୍ତ ସମୟରେ ହୁଦା ସର୍କିଟ ହାଉସରେ ପହଞ୍ଚିଥିଲେ । ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ମହିଳା ପୋଲିସ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ଓ ହଙ୍ଗାମା ହୋଇଥିଲା । ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା ଏବଂ ପରେ ଶାନ୍ତିଭଙ୍ଗ ଧାରାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟାଳୟରେ ହାଜର କରିବା ପରେ ତାଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି ।

ଗିରଫ ହୋଇଥିବା ମହିଳା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ନିଜକୁ ଜଣେ ରାଜନୈତିକ ବିଶ୍ଳେଷକ, ସାଉଦି ଆରବର ଟିଭି ଚ୍ୟାନେଲ-୨ର ପୂର୍ବତନ ନ୍ୟୁଜ୍ ଆଙ୍କର୍, ଦୁବାଇର ସାମ୍ବାଦିକ ଏବଂ ବିବିସି ଲଣ୍ଡନର ସହ-କଳାକାର ଭାବେ ପରିଚୟ ଦେଇଛନ୍ତି । ପୋଲିସ ବର୍ତ୍ତମାନ ତାଙ୍କର ମୂଳ ନିବାସ ଏବଂ ଭାଇରାଲ ଭିଡିଓର ସତ୍ୟାସତ୍ୟ ଯାଞ୍ଚ କରୁଛି । ଏସପି ସିଟି ବ୍ୟୋମ ବିନ୍ଦଲ କହିଛନ୍ତି ଯେ, ସୋସିଆଲ ମିଡିଆରେ ଭ୍ରାମକ, ହିଂସାତ୍ମକ କିମ୍ବା ଉତ୍ତେଜନାପୂର୍ଣ୍ଣ ପୋଷ୍ଟ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ ଜନସାଧାରଣଙ୍କୁ ସୋସିଆଲ ମିଡିଆର ସତର୍କତାପୂର୍ଣ୍ଣ ବ୍ୟବହାର କରିବାକୁ ଅପିଲ କରିଛନ୍ତି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।

## କର୍ମସଂସ୍ଥାନ ଉପରେ ବଢୁଥିବା ଏଆଇ ଓ ରୋବଟ୍‌ର ପ୍ରଭାବକୁ ନେଇ ପ୍ରଦର୍ଶନ



ୱାର୍ସ: ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ରୋବଟ୍‌ର ବ୍ୟବହାର ଉପରେ ଶୀଘ୍ର ନିୟମ ଲାଗୁ କରିବା ଦାବିରେ ପୋଲାଣ୍ଡର ରାଜଧାନୀ ୱାର୍ସରେ ପ୍ରାୟ ୩୦ଟି ରୋବୋଟ୍ ପ୍ରତିବାଦ କରିଛନ୍ତି । ସପ୍ତାହର ଆରମ୍ଭରେ ଦେଶର ଡିଜିଟାଲ୍ ବ୍ୟାପାର ମନ୍ତ୍ରଣାଳୟ ବାହାରେ ଏହି ଅଭିନବ ପ୍ରଦର୍ଶନ ହୋଇଥିଲା । ମାନବାକୃତି ରୋବଟ୍ ସହ ରୋବଟ୍ କୁକୁର ମଧ୍ୟ ଏଥିରେ ସାମିଲ ହୋଇଥିଲେ । 'ଡେମୋକ୍ରାଟିଜମ୍' ନାମକ ଏକ ସଂଗଠନ ଏହି ପ୍ରଦର୍ଶନର ଆୟୋଜନ କରିଥିଲା । ରୋବଟ୍‌ଗୁଡ଼ିକ ରାସ୍ତାରେ ଗୋଲାକାର ଭାବେ ଚାଲିବା ସହ ହାତରେ ପତାକା ଧରିଥିଲେ । ଲାଉଡ୍‌ସ୍ପିକର୍ ମାଧ୍ୟମରେ ଏଆଇ ସମ୍ପର୍କରେ ନିୟମ ଲାଗୁ କରିବା ଏବଂ କର୍ମସ୍ଥଳୀ ସୁରକ୍ଷିତ ରଖିବା ଭଳି ସ୍ଲୋଗାନ ଦିଆଯାଇଥିଲା । ପ୍ରଦର୍ଶନରେ ଏଆଇଚାଳିତ ମାନବାକୃତି ରୋବଟ୍ 'ଆଗିବଟ୍ ଏ୩' ସମେତ ଦୁଇ ପାଦରେ ଚାଲୁଥିବା ରୋବଟ୍ ଏବଂ କୁକୁର ଭଳି ଚାରି ପାଦରେ ଚାଲୁଥିବା ରୋବଟ୍ ସାମିଲ ହୋଇଥିଲେ । ଏହାର ଭିଡିଓ ଅନ୍‌ଲାଇନ୍‌ରେ ପ୍ରସାରିତ ହେବା ପରେ ଏହି ଘଟଣା ଚର୍ଚ୍ଚାରେ ଆସିଛି । ଆୟୋଜକଙ୍କ ମାନବ ପ୍ରତିନିଧି ଗ୍ରେଜଗୋର୍ଜ କୁଲିସ୍ କହିଛନ୍ତି, ଏଆଇ ଓ ରୋବୋଟିକ୍ସ ଯେଭଳି ଦ୍ରୁତ ଗତିରେ ବିକଶିତ ହେଉଛି, ତାହା ଉପରେ ଏହି ପ୍ରଦର୍ଶନ ଏକ ସତର୍କବାର୍ତ୍ତା । ବିଶେଷକରି ମାନବାକୃତି ରୋବଟ୍ ଓ ଏଆଇ ଦ୍ୱାରା ମଣିଷଙ୍କ କାମ ଛଡ଼ାଇନେବାର ସମ୍ଭାବନା ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି । ଏବେଠାରୁ ପଦକ୍ଷେପ ନ ନେଲେ ଭବିଷ୍ୟତରେ ବଡ଼ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ସେ କହିଛନ୍ତି । ଶ୍ରମିକଙ୍କ ସୁରକ୍ଷା ପାଇଁ ନିୟମ ଓ ଆଇନର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି । କୁଲିସ୍‌ଙ୍କ କହିବା ଅନୁଯାୟୀ, ପ୍ରଦର୍ଶନରେ ରୋବଟ୍‌ମାନଙ୍କୁ ସାମିଲ କରିବାର ଉଦ୍ଦେଶ୍ୟ କେବଳ ଲୋକଙ୍କ ଦୃଷ୍ଟି ଆକର୍ଷଣ ନୁହେଁ । ବରଂ ରୋବଟ୍‌ମାନେ ଏବେ କ'ଣ କରିପାରୁଛନ୍ତି, ତାହା ଦେଖାଇ ଏଆଇ ସମ୍ପର୍କରେ ତୁରନ୍ତ ଆଲୋଚନା ଓ ନିୟମ ପ୍ରସ୍ତୁତିର ଆବଶ୍ୟକତା ବୁଝାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ଓଡିଶା ଟ୍ୱେଣ୍ଟି-୨୦ ଲିଗ୍ ସିଏମ୍ ଟ୍ରଫି

# ସରିଲା ଖେଳାଳି ଚୟନ ପ୍ରକ୍ରିୟା, ରାଇନା, ଦେବାଶିଷ ବ୍ରାଣ୍ଡ୍ ଆମ୍ବାସାଡର

କଟକ,୮।୯: ଓସିଏ ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ଟ୍ୱେଣ୍ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଛି। ଅଂଶଗ୍ରହଣକାରୀ ୬ଟି ଦଳର ଫ୍ରାଞ୍ଚାଇଜମାନେ ଡ୍ରାଫ୍ଟ ଜରିଆରେ ସେମାନଙ୍କର ୧୬ଜଣିଆ ଦଳ ଚୂଡାନ୍ତ କରିଛନ୍ତି। ନିଲାମ ସମୟରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଯୁଗ୍ମ ସଂପାଦକ ପ୍ରଭାତ କୁମାର ଭୋଳଙ୍କ ସମେତ ଓସିଏର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ଖେଳାଳି ସୁରେଶ ରାଇନା ଓ ଦେବାଶିଷ ମହାନ୍ତି ଏହି ପ୍ରତିଯୋଗିତାର ଆମ୍ବାସାଡର ଭାବେ ନିୟୋଜିତ ହୋଇନ୍ତି।

ଭୁବନେଶ୍ୱର ଟାଇଗର୍ସ: ସୁବିତ ବିଶ୍ୱାଳ(ମୁଖ୍ୟ ପ୍ରଶିକ୍ଷକ), ବିଭୂଦତ୍ତ ପଣ୍ଡା(ସହକାରୀ ପ୍ରଶିକ୍ଷକ), ସ୍ୱସ୍ତିକ ସାମଲ(ଅଧିନାୟକ), ରାଜେଶ ମହାନ୍ତି, ଶ୍ରେୟାଶ ଭରଦ୍ୱାଜ, ବାଦଲ ବିଶ୍ୱାଳ, ଆଶୁତୋଷ ଛୁରିଆ, ସମ୍ବିତ ବେଜା, ମହମ୍ମଦ ସାହିଲ ଖାନ, ଦୀନେଶ କୁମାର ମାଝି, ଜ୍ଞାନରଞ୍ଜନ ନାୟକ, ରୁଦ୍ର ପ୍ରସାଦ ମଲ୍ଲିକ, ଜନ୍‌ମେଜୟ ଜେନା, ସ୍ୱୟମ୍ଭୁ ପଲେଇ, ରୀତେଶ ପ୍ରିୟରଞ୍ଜନ, ରାକେଶ ପଟ୍ଟନାୟକ, ଉମେଶ କୁମାର ଗେରମ, ଶ ଶିକାନ୍ତ ଯାଦବ ପୁରୀ ଟାଇଟାନ୍ସ: ପ୍ରୀତମଜିତ ଦାସ(ପ୍ରଶିକ୍ଷକ), ଆଶିଷ ସବିତା(ସହକାରୀ ପ୍ରଶିକ୍ଷକ), ଆଦିତ୍ୟ ରାଉତ(ଅଧିନାୟକ), ନିହାର ବି. ଭୂୟାଁ, ଦୀପକ ତିୱାରୀ, ଶ୍ରେୟାଂଶୁ ପଟ୍ଟନାୟକ, ଆୟୁଶ ସୂତାର, ସ୍ୱୟଂମ୍ ଶ୍ରୀବାସ୍ତବ, ଚନ୍ଦୀପ ରିଆର, ଅନିଲ ପରିଡା, କ୍ରୀଷ୍ଣା ମହାନ୍ତି, ସୁନିଲ ରାଉଳ, ପଣକଳା ଶଶାଙ୍କ, ଆଦିତ୍ୟ ଆନନ୍ଦ, ସମ୍ବିତ ଶର୍ମା, ଆଶୀର୍ବାଦ ସ୍ୱାଇଁ, ସର୍ବଶ୍ୱର ମହାନ୍ତି, ତରଣୀ ସା।

କେନ୍ଦୁଝର ମାଇନର୍ସ: ସୂର୍ଯ୍ୟକାନ୍ତ ପ୍ରଧାନ(ପ୍ରଶିକ୍ଷକ), ଗିରିଜା ରାଉତ(ସହକାରୀ ପ୍ରଶିକ୍ଷକ), ଶୁଭ୍ରାଂଶୁ ସେନାପତି(ଅଧିନାୟକ), ରାଜେଶ ଧୂପର, ଦେବବ୍ରତ ପ୍ରଧାନ, ଜାମଲା ମହାପାତ୍ର, ସୁଜଳ ସିଂହ, ପ୍ରୟାଶ କୁମାର ସିଂହ, ଭିଗେସ ଶର୍ମା, ଆୟୁଶ ବାରିକ, ବିମଳ କୁମାର, ଯୋଗେଶ୍ୱର ବାଗ, ସ୍ୱାଗତ ସେରଭ ମିଶ୍ର, ଅର୍ଣ୍ଣବ ପଟ୍ଟନାୟକ, ମୟଙ୍କ ପଟ୍ଟନାୟକ, କ୍ଷମାସାଗର ବଳ, ରକେଶ ବିଶ୍ୱାଳ, ସ୍ୱୟଂଶୁ ପଟ୍ଟନାୟକ।

ରାଉରକେଲା ସୁପରଷ୍ଟାର୍ସ: ସଞ୍ଜୟ ରାଉଳ (ପ୍ରଶିକ୍ଷକ), ପ୍ରଶାନ୍ତ ସାହୁ(ସହକାରୀ ପ୍ରଶିକ୍ଷକ), ଗୋବିନ୍ଦ ପୋଦାର(ଅଧିନାୟକ), ସମ୍ବିତ ବିଶ୍ୱାଳ, ସାବନ ପହରିଆ, ବିଶ୍ୱଜିତ ପ୍ରଧାନ, ଆଶୁତୋଷ ମାରାଣ୍ଡି, ପପୁ ରାୟ, ସନ୍ଦିପ ପଟ୍ଟନାୟକ, ବିଭାସ ସ, ଆକାଶ ମହାପାତ୍ର, ଶୁଭମ୍ ପ୍ରିୟଦର୍ଶୀ, ପ୍ରଜ୍ଞାନ ସାମଲ, ଶୋଭନ ଦେବ ବେହେରା, ଦୀବ୍ୟମ ଛପାଦିଆ, ଅବିଶେଖ କୁମାର ଯାଦବ, ସେଭାଗ୍ୟ ରାଉତ, ଓମ୍‌କାର ମହାନ୍ତି।

ସମ୍ବଲପୁର ୱାରିୟର୍ସ: ବସନ୍ତ ମହାନ୍ତି (ମୁଖ୍ୟ ପ୍ରଶିକ୍ଷକ), ରାକେଶ ମହାନ୍ତି(ସହକାରୀ), ଗେରବ ଚେଧୁରୀ(ଅଧିନାୟକ), ସ୍ୱରୂପ ସ୍ମିତ ଭୂୟାଁ, ବିକ୍ରମ କିଶୋର ସାମଲ, ଅଙ୍କିତ ଯାଦବ, ଦେବବ୍ରତ ପ୍ରଧାନ ଜୁନିୟର, ମହେଶ ସାହୁ, ବେଭବ ମହାନ୍ତି, ସାର୍ଥକ ପଣ୍ଡା, ପନକଳା ମୋକ୍ଷିତ, ଶାନ୍ତନୁ ମିଶ୍ର, ମହମ୍ମଦ ଦାନିଶ, ସାଇଦୀପ ମହାପାତ୍ର, ପ୍ରଦୀପ ପ୍ରଧାନ, ସୟଦ ତୁଫାୟଲ ଅହମ୍ମଦ, ଓମ୍‌ଟି ମୁଣ୍ଡେ, ସେମ୍ୟରଞ୍ଜନ ଲେଙ୍କା।

ବିପ୍ଳବ କଟକ ପାନ୍ଥର୍ସର ଅଧିନାୟକ

କଟକ ପାନ୍ଥର୍ସକୁ ଜୟ ଭାରତ ସ୍ୱାଇସ୍ସ ପ୍ରାଇଭେଟ୍ ଲିମିଟେଡ୍ କିଣିଛି। ଓଡିଶାର ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ଦଳର ଅଧିନାୟକ ଭାବେ ବଛାଯାଇଛି। ଖେଳାଳି ଚୟନ ବେଳେ ଜୟ ଭାରତ ସ୍ୱାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ନିର୍ଦ୍ଦେଶିକା ଏସ୍.ଏନ୍ ମିଲେନିୟମ୍, ଜିଏମ୍ ବିପିନ୍ ରାଉତ, ଜିଏମ୍ ଅରୁଣ ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ପ୍ରଭଞ୍ଜନ ମଲ୍ଲିକ ଏବଂ ସହଯୋଗୀ ପ୍ରଶିକ୍ଷକ ଭାବେ ଦୀପକ ମଙ୍ଗରାଜଙ୍କୁ ଦାୟିତ୍ୱ ଦିଆଯାଇଛି।

କଟକ ପାନ୍ଥର୍ସ: ପ୍ରଭଞ୍ଜନ ମଲ୍ଲିକ (ମୁଖ୍ୟ ପ୍ରଶିକ୍ଷକ), ଦୀପକ ମଙ୍ଗରାଜ(ସହକାରୀ), ବିପ୍ଳବ ସାମନ୍ତରାୟ(ଅଧିନାୟକ), ଡି. ଆୟୁଶ, ଏମ୍. ଗେତମ ଗୋପାଳ, ସେମ୍ୟରଞ୍ଜନ ବିଶ୍ୱାଳ, ଶିବୁନ ନନ୍ଦ, ଅଭିରୂପ ଦାସ, ସାର୍ଥକ ଏସ୍ ପ୍ରକାଶ, ଶୁବାଶିଷ ମଲ୍ଲିକ, ରାଜ ଯାଦବ, ପ୍ରିୟାଂଶୁ ମହାନ୍ତି, ପିୟୁଶ ମନ୍ତ୍ରୀ, ଅଭିଶେଖ ସିଂହ, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ, ସେରଭ ଗେଡ, ଶୁଭମ ଶତ୍ରୁଜିତ୍।

## ପୁଣି ବଢ଼ିଲା ବିସିସିଆଇର ରାଜକୋଷ

ନୂଆଦିଲ୍ଲୀ,୮।୯: ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଇଉଓଓ ଏକ ନୂତନ ଚୁକ୍ତି କରିଛି। ଟିମ ଇଣ୍ଡିଆ ଘରୋଇ ମାଟିରେ ଖେଳିବା ପାଇଁ ବୋର୍ଡ ଏବେ ୩.୭୧ କୋଟି ରୋଜଗାର କରିବ। ବିଶେଷକରି, ଇଉଓଓ ଭାରତୀୟ କ୍ରିକେଟ ଦଳର ଘରୋଇ ଦ୍ୱିପାକ୍ଷିକ ସିରିଜ ପାଇଁ ତିନି ଜଣ ନୂତନ ସହଯୋଗୀ ଅଂଶୀଦାରଙ୍କୁ ନିଜ ସହ ସାମିଲ କରିଛି। ଇକୋନୋମିକ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏହି ଚୁକ୍ତି ମୋଟ ୩୫ ଘରୋଇ ମ୍ୟାଚକୁ ଅନ୍ତର୍ଭୁକ୍ତ କରେ ଏବଂ ମାର୍ଚ୍ଚ ୨୦୨୮ ପର୍ଯ୍ୟନ୍ତ ଚାଲିବ।

ପ୍ରତି ମ୍ୟାଚ ୩.୭୧ କୋଟି ହିସାବରେ ୨୮ ମ୍ୟାଚରୁ ୧୨୯.୮୫ କୋଟି ରୋଜଗାର। ଏହାର ଅର୍ଥ ହେଉଛି ଯେ ଯେତେବେଳେ ଭାରତ ଘରୋଇ ପରିବେଶରେ ଏକ ମ୍ୟାଚ ଖେଳେ, ମ୍ୟାଚ ସହିତ ଏହି ତିନୋଟି କମ୍ପାନୀର ନାମ ଏବଂ ବ୍ରାଣ୍ଡିଂ ଦୃଶ୍ୟମାନ ହେବ। ରିଲାଏନ୍ସ ମାଲିକାନାରେ ଥିବା ମୃଦୁ ପାନୀୟ କମ୍ପାନୀ କ୍ୟାମ୍ପା କୋଲା ସର୍ବାଧିକ ୧.୩୧ କୋଟି ନିଲାମ କରିଛି। ଜୀବନ ବୀମା କମ୍ପାନୀ SBI ଲାଇଫ ଏବଂ ଇଓ ଚାଟବଟ କମ୍ପାନୀ ChatGPT ପ୍ରତ୍ୟେକେ ପ୍ରତି ମ୍ୟାଚ ପାଇଁ ପ୍ରାୟ ୧.୨୦ କୋଟି ଦେବେ। ଇଉଓଓ ପ୍ରତ୍ୟେକ ଘରୋଇ ମ୍ୟାଚରୁ ପ୍ରାୟ ୩.୭୧ କୋଟି ରୋଜଗାର କରିବ; ୩୫ ମ୍ୟାଚ ଚୁକ୍ତି ଆଧାରରେ, ମୋଟ ମୂଲ୍ୟ ପ୍ରାୟ ୧୨୯.୮୫ କୋଟି ହୋଇଥାଏ। ଆପଣ ମନେ ରଖିଥିବେ ଯେ ଜୁଲାଇ ମାସରେ, ବିସିସିଆଇ ଟିମ ଇଣ୍ଡିଆର ଅନ୍ତର୍ଜାତୀୟ ମ୍ୟାଚ ଏବଂ ରଣଜୀ ଟ୍ରଫି ଭଳି ଘରୋଇ ଟୁର୍ଣ୍ଣାମେଣ୍ଟ ପାଇଁ ଟାଇଟଲ ପ୍ରାୟୋଜକ ଏବଂ ସହଯୋଗୀ ଅଂଶୀଦାର ଅଧିକାର ପାଇଁ ବିଡ ଆମନ୍ତ୍ରଣ କରିଥିଲା। ଟାଇଟଲ ପ୍ରାୟୋଜକ ବିଡ ପାଇଁ ଶେଷ ତାରିଖ ଅଗଷ୍ଟ ୧୩ ଥିଲା, ଯେତେବେଳେ ସହଯୋଗୀ ଅଂଶୀଦାର କୋଟେସନ ପାଇଁ ଶେଷ ତାରିଖ ଅଗଷ୍ଟ ୨୫ ଥିଲା। ବୋର୍ଡ ପରେ ସହଯୋଗୀ ଅଂଶୀଦାର ସମୟ ସୀମା ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା, କାରଣ ସେହି ସମୟ ସୁଦ୍ଧା ଟାଇଟଲ ପ୍ରାୟୋଜକ ଚୂଡ଼ାନ୍ତ ହୋଇନଥିଲା।

# ଏସୀୟ କ୍ରୀଡା ପାଇଁ ମହିଳା ହକି ଦଳର ଜାପାନ ଯାତ୍ରା




ବେଙ୍ଗାଲୁରୁ,୮।୯: ଗତ ଏଫଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ଐତିହାସିକ ପ୍ରଦର୍ଶନ କରି ପଞ୍ଚମ ସ୍ଥାନରେ ରହିଥିବା ଭାରତୀୟ ଦଳ ମଙ୍ଗଳବାର ଏସୀୟ କ୍ରୀଡା ପାଇଁ ଜାପାନ ଅଭିମୁଖେ ଯାତ୍ରା କରିଛି। ବିଂଶତମ ଏସୀୟ କ୍ରୀଡା ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍ୱର୍ଣ୍ଣ ପଦକ ଜିତି ୨୦୨୮ ମସିହାର ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଭାରତର ଲକ୍ଷ୍ୟ ରହିବ। ଅଧିନାୟିକା ସଲିମା ଟେଟେ ଓ ପ୍ରଶିକ୍ଷକ ଜେରୋର୍ଡ ମାରିନ୍‌ଙ୍କ ତତ୍ୱାବଧାନରେ ଭାରତୀୟ ଦଳ ମଙ୍ଗଳବାର ବେଙ୍ଗାଲୁରୁରୁ ଜାପାନ ଗସ୍ତ କରିଛି। ମାରିନଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ଆସୁଛି।

୨୦୨୬ ପ୍ରାରମ୍ଭରେ ହାଇଦ୍ରାବାଦରେ ଅନୁଷ୍ଠିତ ଏଫଆଇଏଚ୍ ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତକୁ ରେପ୍ୟ ପଦକ ଦେଇଥିଲେ। ଅକଲାଣ୍ଡ୍‌ରେ ଅନୁଷ୍ଠିତ ଏଫଆଇଏଚ୍ ନେସନ୍ସ କପରେ ଅପରାଜିତ ରହି ବିଜେତା ହୋଇଥିଲା। ଏଥିସହିତ ଆସନ୍ତା ଋତୁର ଏଫଆଇଏଚ୍ ପ୍ରୋ ଲିଗ୍ ଯୋଗ୍ୟତା ଅର୍ଜନ କରିଛି। ଏବେ ଏସୀୟ କ୍ରୀଡାର ମହିଳା ହକି ପାଇଁ ପ୍ରସ୍ତୁତ ହୋଇ ଯାଇଛି। ପୁଲ୍ 'ବି'ରେ ଭାରତ ସହିତ ଜାପାନ, ଥାଇଲାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ, ଉଜବେକିସ୍ତାନ ସହ ସାମିଲ ରହିଛି। ସେପ୍ଟେମ୍ବର ୨୦ରେ ଉଜବେକିସ୍ତାନ ସହ ଖେଳି ଅଭିଯାନ ଆରମ୍ଭ କରିବ ସଲିମା ଟେଟେଙ୍କ ଦଳ। 'ଆମେ ଆତ୍ମବିଶ୍ୱାସର ସହ ଏସୀୟ କ୍ରୀଡା ଯାଉଛୁ। ନେସନ୍ସ କପ୍ ଏବଂ ବିଶ୍ୱକପ୍ ପ୍ରଦର୍ଶନ ଆମ ଭିତରେ ବିଶ୍ୱାସ ଭରି ଦେଇଛି। ଗୋଟିଏ ଗୋଟିଏ ପାଦ ଆଗକୁ ଯିବାକୁ ଚେଷ୍ଟା କରିବୁ। ସ୍ପଷ୍ଟ ଭାବେ ସ୍ୱର୍ଣ୍ଣ ପଦକ ପାଇଁ ଖେଳିବୁ' ବୋଲି ଟେଟେ କହିଥିଲେ।

ଭାରତୀୟ ଦଳରେ ସବିତା ପୁନିଆ, ନଭନୀତ କେର, ନେହା, ନିକି ପ୍ରଧାନ, ଲାଲରେମସିଆମି, ସୁଶୀଳା ଚାନୁ ପୁଖରାମ୍ବମଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଏହି ଦଳରେ ଏକମାତ୍ର ଓଡିଆ ଭାବେ ସୁନେଲିତା ଟୋପୋ ସ୍ଥାନ ପାଇଛନ୍ତି। ଦଳରେ ଦୁଇ ଗୋଲରକ୍ଷକ (ସବିତା, ବିଚୁ ଦେବୀ ଖରିବାମ), ୫ ଜଣ ଡିଫେଣ୍ଡର (ଈଶିକା ଚେଧୁରୀ, ସୁଶୀଳା ଚାନୁ ପୁଖରାମ୍ବମ, ଲାଲଥାନ୍‌ଲୁଆଙ୍ଗି, ଜ୍ୟୋତି, ଶିଳ୍ପୀ ଦବାସ, ୬ ଜଣ ମିଡ୍‌ଫିଲ୍ଡର (ନିକି ପ୍ରଧାନ, ଶାକ୍ଷୀ ରାଣା, ସୁଶୀଳା ଚାନୁ, ସୁନେଲିତା ଟୋପ୍ପୋ, ସଲିମା ଟେଟେ, ନେହା, ଦୀପିକା ସୋରେଙ୍ଗ), ୭ ଜଣ ଫରୱାର୍ଡ (ଲାଲରେମସିଆମି, ଋତୁଜା ଦାଦାସୋ ପିସାଲ, ନଭନୀତ କୌର୍, ଦୀପିକା, ଈଶିକା, ବଳଜୀତ୍ କେର, ବିଉଟି ଡୁଙ୍ଗ୍‌ଡୁଙ୍ଗ୍) ରହିଛନ୍ତି।

# ହ୍ୟାଟ୍ରିକ୍ ବିଜୟ ସହ କ୍ୱାର୍ଟରରେ ଭାରତୀୟ ଯୁବା




ମୋକି (ଚୀନ), ୮/୯: ଯୁବ ଦଳ ଭଳି ଭାରତୀୟ ଯୁବା ଦଳ ମଧ ଚଳିତ ଏସୀୟ କନିଷ୍ଠ ହକି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରୁଛି। ମଙ୍ଗଳବାର ଭାରତୀୟ ଯୁବା ଦଳ ୭-୦ ଗୋଲ୍‌ରେ ଜାପାନକୁ ପରାସ୍ତ କରି କ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରି ନେଇଛି। ପୂର୍ବରୁ କୋରିଆ (୪-୧), ମାଲେସିଆ (୧୧-୧)କୁ ପରାସ୍ତ କରିଥିଲା ଭାରତ। ମଙ୍ଗଳବାର ଲୟ ବଜାୟ ରଖି ପ୍ରଥମରୁ ଶେଷ ଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଜାପାନ ଯୁବତୀଙ୍କୁ କେଣସି ପ୍ରକାର ସୁଯୋଗ ଦେଇନଥିଲା। ପଞ୍ଚମ ମିନିଟରେ କୃଷ୍ଣା ଶର୍ମାଙ୍କ ଗୋଲ୍‌ରୁ ଭାରତୀୟ ଦଳ ଅଭିଯାନ ଆରମ୍ଭ କରିଥିଲା। ୧୧ତମ ମିନିଟ୍‌ରେ ସୁପ୍ରୀୟା ଏହାକୁ ୨-୦ କରି ଦେଇଥିଲେ। ପ୍ରଥମ କ୍ୱାର୍ଟର ପୂର୍ବରୁ ହିଁ ଭାରତକୁ ତୃତୀୟ ଗୋଲଟି ଦେଇଥିଲେ ପୂର୍ଣ୍ଣିମା ଯାଦବ (୧୪ତମ ମିନିଟ୍)। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ବିତିଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ଜାପାନ ଯୁବତୀମାନେ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଥିଲେ ମଧ ଭାରତର ରକ୍ଷଣଭାଗକୁ ଭେଦ କରିପାରିନଥିଲେ। ଗୀତା ଯାଦବ ୪୧ ଓ ୪୫ ମିନିଟ୍‌ରେ ଦୁଇଟି ଲଗାତାର ଗୋଲ୍ ଦେଇ ମ୍ୟାଚ୍‌କୁ ଏକତରଫା କରି ଦେଇଥିଲେ। ପୂର୍ଣ୍ଣିମା ଯାଦବ ୪୬ତମ ମିନିଟ୍‌ରେ ନିଜ ଦ୍ୱିତୀୟ ଗୋଲ୍ ଦେଇଥିବାବେଳେ ୫୦ତମ ମିନିଟ୍‌ରେ ସନିକା ଚନ୍ଦ୍ରକାନ୍ତ ମାନେ ଦଳର ସ୍କାର୍ ଲାଇନ୍‌କୁ ୭-୦ରେ ଶେଷ କରିଥିଲେ। ଭାରତ ଏବେ ଚୀନ ବିପକ୍ଷରେ ବୁଧବାର ଶେଷ ପୁଲ୍ ମ୍ୟାଚ୍ ଖେଳିବ।

# ବିବିଏଲ୍‌ରେ ହେବ ଘରୋଇ ପୁଞ୍ଜି ନିବେଶ




ମେଲବର୍ଣ୍ଣ: ଅଷ୍ଟ୍ରେଲିଆର ଲୋକପ୍ରିୟ ଟ୍ୱେଣ୍ଟି-୨୦ ଲିଗ୍ ବିବିଏଲ୍ (ବିଗ୍ ବାସ୍ ଲିଗ୍) ଖୁବ୍ ଶୀଘ୍ର ଘରୋଇ କରଣ ହେବାକୁ ଯାଉଛି। ଏହି ଲିଗ୍‌ରେ ଘରୋଇ ପୁଞ୍ଜି ନିବେଶ ପାଇଁ ଏହାର ଆୟୋଜକ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ନିଷ୍ପତ୍ତି ନେଇଥିବା ଘୋଷଣା କରିଛି। ଏହା ଦ୍ୱାରା ବିବିଏଲ୍‌ରେ ବୈପ୍ଳବିକ ପରିବର୍ତ୍ତନ ହେବ ବୋଲି ସିଏ ବିଶ୍ୱାସ ରଖିଛି। ଏପରିକି ବିବିଏଲ୍‌ର ଅନ୍ୟତମ ପ୍ରମୁଖ ଫ୍ରାଞ୍ଚାଇଜ୍ ମେଲବର୍ଣ୍ଣ ରେନେଗେଡ୍‌ସକୁ ବିକ୍ରୀ କରିଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ୨୦୨୭-୨୮ ଋତୁରୁ ହିଁ ଏହି ନୂଆ ଯୋଜନା କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

ଅଷ୍ଟ୍ରେଲିଆ କ୍ରିକେଟ୍‌ର ଭବିଷ୍ୟତକୁ ନଜରରେ ରଖି ଏଭଳି ଏକ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରାଯାଇଛି। ଟ୍ୱେଣ୍ଟି-୨୦ କ୍ରିକେଟ୍ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବାଇବା ଏବଂ ଆର୍ଥିକ ଦିଗକୁ ଅଧିକ ଦୃଢ଼ କରିବା ଲକ୍ଷ୍ୟରେ ଏଭଳି କରାଯାଉଛି। ପୂର୍ବରୁ ଏହି ଘରୋଇକରଣ ପ୍ରସ୍ତାବକୁ ନିୟୁ ସାଉଥ୍‌ୱେଲ୍ସ ଆଣ୍ଡ୍ କୁଇନ୍ସଲାଣ୍ଡ କ୍ରିକେଟ୍ ବୋର୍ଡ ପ୍ରତ୍ୟାଖାନ କରିଥିଲା। କିନ୍ତୁ ନୂଆ ଯୋଜନାରେ ସେମାନଙ୍କ କ୍ଲବ୍‌ଗୁଡିକ ପାଇଁ ବିକଳ୍ପ ବାଟର ବ୍ୟବସ୍ଥା କରାଯାଇଛି। କ୍ରିକେଟ୍ ଅଷ୍ଟ୍ରେଲିଆ ପୂର୍ବରୁ ଏହାର ପ୍ରସ୍ତାବରେ ବିବିଏଲ୍ ଫ୍ରାଞ୍ଚାଇଜର ୪୯ ପ୍ରତିଶତ ବିକ୍ରୀ ପାଇଁ ପ୍ରସ୍ତାବ ରଖିଥିଲା ଏବଂ ଯେଉଁ ରାଜ୍ୟରେ ଏକାଧିକ ଦଳ ଥିଲା ସେଠାରେ ଏହାକୁ ୧୦୦ ପ୍ରତିଶତ ରଖିଥିଲା। ଏହି ପ୍ରାରମ୍ଭିକ ଯୋଜନାକୁ ସମର୍ଥନ କରିଥିବା କ୍ରିକେଟ୍ ଭିକ୍ଟୋରିଆର ଫ୍ରାଞ୍ଚାଇଜ୍ ମେଲବର୍ଣ୍ଣ ରେନେଗ୍ରେଡ୍‌ସ ପ୍ରଥମେ ବିକ୍ରି ହେବାକୁ ଯାଉଛି। ଏହି ଫ୍ରାଞ୍ଚାଇଜ୍ ୨୦୧୮-୧୯ରେ ବିବିଏଲ୍ ବିଜେତା ହୋଇଥିଲା। ଏହା କିଛି ଆଇପିଏଲ୍ ଫ୍ରାଞ୍ଚାଇଜ୍ ପାଇଁ ବିବିଏଲ୍ ପ୍ରବେଶ ଦ୍ୱାରକୁ ଉନ୍ମୁକ୍ତ କରିବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ କ୍ରିକେଟ୍ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଟଡ୍ ଗ୍ରିନ୍‌ବର୍ଗ କହିଛନ୍ତି 'କ୍ରିକେଟ୍‌ରେ ଭାରତର ବଡ ବଜାର ରହିଛି, ତେବେ ଆମେ କ୍ରିକେଟ୍ ଖେଳକୁ ଭାରତକୁ ବିକ୍ରି କରିବାକୁ ଚାହୁଁ ନାହୁଁ। ଏହି କଥାରେ ପୂର୍ଣ୍ଣଛେଦ ପଡୁ'।

## ଦକ୍ଷିଣାଞ୍ଚଳ ଦୟନୀୟ ବ୍ୟାଟିଂ

ନୂଆଦିଲ୍ଲୀ,୦୮/୦୯; ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଖେଳାଯାଉଥିବା ଦୁଲୀପ ଟ୍ରଫି ଫାଇନାଲ୍ ମୁକାବିଲା ରୋମାଞ୍ଚକର ସ୍ଥିତି ଦେଇ ଗତି କରୁଛି । ପ୍ରଥମ ୨ ଦିନ ଯାକ ପୂର୍ବାଞ୍ଚଳ ବ୍ୟାଟିଂ ଜାରି ରଖି ପ୍ରଥମ ଇନିଂସରେ ୭୦୮ ରନ୍ ବିଶାଳ ସ୍କୋର କରିଛି । ଅଧିନାୟକ ଇଶାନ କିଷନ ୨୭୦ ରନ୍ ?ରେ ଏକ ଦର୍ଶନୀୟ ଇନିଂସ ଖେଳିଛନ୍ତି । କୁମାର କୁଶାଗ୍ର ମଧ ଶତକ ଅର୍ଜନ କରିଛନ୍ତି । ପୂର୍ବାଞ୍ଚଳ ମ୍ୟାଚକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଛି । ଆଜି ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଛି । ପୂର୍ବାଞ୍ଚଳର ରଣନୀତି ଏକ ପ୍ରକାର ସ୍ପଷ୍ଟ ହୋଇ ସାରିଥିଲେ ହେଁ ଏହାର ଜବାବ ଦେବା ପାଇଁ ଦକ୍ଷିଣାଞ୍ଚଳ ନିକଟରେ ଯଥେଷ୍ଟ କ୍ଷମତା ରହିଛି । କିନ୍ତୁ ଟିମ୍ ତିଳକ ଭଲ ଆରମ୍ଭ କରିନାହିଁ । ରିପୋର୍ଟ ଲେଖାଯିବା ସୁଦ୍ଧା ଦଳ ଖାତାରେ ୬ ଓ୍ୱିକେଟ ହରାଇ ୨୪୨ ରନ୍ କରିଛି। ଶ୍ରୀଲଙ୍କା ବିପକ୍ଷରେ ଦମଦାର ଇନିଂସ ଖେଳିଥିବା ଦେବଦତ୍ତ ପାଡିକଲ (୬୨) ଓ ତିଳକ ବର୍ମା (୫୬) ଅର୍ଦ୍ଧଶତକ ହାସଲକରିଛନ୍ତି। ସାମି ଓ ମୁକେଶ କୁମାର ୨ ଲେଖାଏଁ ଓ୍ୱିକେଟ ପାଇଛନ୍ତି।

# ଦ.କୋରିଆକୁ ହରାଇ ସେମିଫାଇନାଲ୍ ଦ୍ୱାରରେ ଭାରତ




ମୋକି (ଚୀନ),୮।୯: ଚଳିତ କନିଷ୍ଠ ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତୀୟ ଦଳ ମଙ୍ଗଳବାର ଜବରଦସ୍ତ ପ୍ରଦର୍ଶନ କରିଛି। ଓଡିଆ ଅଧିନାୟକ ତଥା ତାରକା ଡ୍ରାଗ୍ ଫ୍ଲିକର ଅନମୋଲ ଏକ୍କା ଚମତ୍କାର ପ୍ରଦର୍ଶନ ଜାରି ରଖି ଭାରତକୁ ସେମିଫାଇନାଲ୍ ଦ୍ୱାରରେ ପହଞ୍ଚାଇ ଦେଇଛନ୍ତି। ସୋମବାର ଭାରତୀୟ ଦଳ ଶକ୍ତିଶାଳି ଦକ୍ଷିଣ କୋରିଆ ବିପକ୍ଷରେ ୭-୩ରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ପୁଲ୍ 'ଏ' ଶୀର୍ଷରେ ରହିବା ସମ୍ଭାବନାକୁ ବି ଦୃ କରିଛି। ଭାରତ ନିଜ ଶେଷ ପୁଲ୍ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇକୁ ଭେଟିବ।

ଭାରତୀୟ ଦଳ ମଙ୍ଗଳବାର ନିର୍ଣ୍ଣାୟକ ତୃତୀୟ କ୍ୱାର୍ଟରରେ ୩ ଗୋଲ୍ ଦେବା ଫଳରେ ବିଜୟ ଛଡାଇ ଆଣିଥିଲା। ଅଧିନାୟକ ଅନମୋଲ୍ ଏକାକୀ ଦୁଇ ଗୋଲ୍ ଦେବା ସହ ପ୍ରତିଯୋଗିତାରେ ତାଙ୍କ ଗୋଲ୍ ସଂଖ୍ୟାକୁ ୮ରେ ପହଞ୍ଚାଇଥିଲେ। ଏହି ମ୍ୟାଚ୍ ଅଧିକାଂଶ ସମୟ ସନ୍ତୁଳିତ ଅବସ୍ଥାରେ ଥିଲା। ପ୍ରଥମ ୩ କ୍ୱାର୍ଟରରେ କେହି ବି ପ୍ରାଧାନ୍ୟ ବିସ୍ତାର କରିପାରିନଥିଲେ। ପଞ୍ଚମ ମିନିଟ୍‌ରେ ଅନମୋଲ୍ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ ଅଭିଯାନ ଆରମ୍ଭ କରିଥିଲେ। ପର ମିନିଟ୍‌ରେ ହିଁ ଡୋହିଅନ୍ ଚୋଇ ଦଳର ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ସ୍ଥିତି ବରାବର କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟର ମଧ ସମାନ ଭାବେ ଗତିଶୀଳ ହୋଇଥିଲା। ୧୮ତମ ମିନିଟ୍‌ରେ ଲଭନୂର ସିଂହଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ଆଗୁଆ ହୋଇଥିଲା କିନ୍ତୁ ହୋଗୁକ୍ ୟୁ'ଙ୍କ ପିସି ଗୋଲ୍ ପୁଣି ମ୍ୟାଚ୍‌କୁ ୨-୨ ସମତୂଲ ସ୍ଥିତିକୁ ନେଇ ଆସିଥିଲା।

ପ୍ରଥମାର୍ଦ୍ଧ ବିରତି ପୂର୍ବରୁ କିନ୍ତୁ ଅଜିତ ଯାଦବଙ୍କ ଗୋଲ୍ ବଳରେ ଭାରତ ୩-୨ ସୁବିଧାଜନକ ସ୍ଥିତିରେ ରହିଥିଲା। ଏହା ପରେ ଦକ୍ଷିଣ କୋରିଆ ଭାରତର ରକ୍ଷଣଭାଗକୁ ଭେଦ କରିବାକୁ ସବୁ ଦମ ଲଗାଇ ଦେଇଥିଲା। ୟୁ ନିଜ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେବାରୁ ଦକ୍ଷିଣ କୋରିଆ ତୃତୀୟ ଥର ପାଇଁ ମ୍ୟାଚ୍‌କୁ ବରାବର କରିଥିଲା। ୪୨ତମ ମିନିଟ୍‌ରେ କିନ୍ତୁ ଭାରତକୁ ପ୍ରଭଦୀପ ସିଂହ ୪-୩ରେ ଆଗୁଆ କରି ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରିଥିଲା। ବିଶେଷ କରି ୩ ମିନିଟ୍‌ରେ ୩ ଗୋଲ୍ ଦେଇ ଦକ୍ଷିଣ କୋରିଆକୁ ଆଉ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇନଥିଲା। ଗୁରସେବକ ସିଂହ (୫୫ ମିନିଟ୍), ଅନମୋଲ ଏକ୍କା (୫୬ ମିନିଟ୍) ଏବଂ ଆର୍ଯ୍ୟନ ଖେସ୍ (୫୮ ମିନିଟ୍) ମ୍ୟାଚ୍‌ର ଭାଗ୍ୟକୁ ସିଲ୍ କରି ଦେଇଥିଲେ। ଭାରତ ଓ ଜାପାନ ଏବେ ପୁଲ୍ 'ଏ'ରେ ୩ ଲେଖାଏଁ ମ୍ୟାଚ୍ ଖେଳି ସମାନ ୭ ପଏଣ୍ଟରେ ରହିଛନ୍ତି।

# କୋହଲିଙ୍କ ବ୍ରାଣ୍ଡର ଜୋତା ପିନ୍ଧି ଖେଳୁଛନ୍ତି ପାକିସ୍ତାନୀ କ୍ରିକେଟର




ନୂଆଦିଲ୍ଲୀ,୮।୯: ପାକିସ୍ତାନ ଦଳର କେତେଜଣ ଖେଳାଳି ବିରାଟ କୋହଲିଙ୍କ ବ୍ରାଣ୍ଡ, One8ର ଜୋତା ପିନ୍ଧି ମହିଳା ଏସିଆ କପରେ ଖେଳୁଛନ୍ତି; ଏହାର ଫଟୋ ଏବେ ଭାଇରାଲ ହେଉଛି। ସୋମବାର ଅନୁଷ୍ଠିତ ମ୍ୟାଚରେ, ପାକିସ୍ତାନ ମହିଳା ଦଳ ହଂକଂକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ଛଅଟି ଓ୍ୱିକେଟ ନେଇ ନାଶ୍ରା ସାନ୍ଧୁଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ' ବିବେଚିତ କରାଯାଇଥିଲା। ଭାରତ ଗ୍ରୁପ ଏ ରୁ ଅନ୍ୟ ଏକ ସେମିଫାଇନାଲିଷ୍ଟ।

ମହିଳା ଏସିଆ କପର ଏକାଦଶ ମ୍ୟାଚରେ, ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୪୩ ରନ କରିଥିଲା। ଓପନର୍ ଶାୱାଲ ଜୁଲଫିକର ୪୭ ରନ କରିଥିଲେ। ଟାର୍ଗେଟ ପିଛା କରି, ସମଗ୍ର ହଂକଂ ଦଳ ୭୧ ରନରେ ଅଲଆଉଟ ହୋଇଯାଇଥିଲା; ନାଶାରା ସାନ୍ଧୁ ତାଙ୍କ ଚାରି ଓଭରରେ ସାତ ରନ ଦେଇ ଛଅଟି ଓ୍ୱିକେଟ ନେଇଥିଲେ। ପାକିସ୍ତାନ ୭୨ ରନରେ ମ୍ୟାଚ ଜିତିଥିଲା।ଏହି ଖେଳରେ 'ପ୍ଲେୟାର ଅଫ ଦି ମ୍ୟାଚ' ଭାବରେ ସମ୍ମାନିତ ହୋଇଥିବା ନାଶାରା ସାନ୍ଧୁ ବିରାଟ କୋହଲିଙ୍କ ବ୍ରାଣ୍ଡର ଜୋତା ପିନ୍ଧିଥିଲେ – ଏହା ତାଙ୍କ ଦ୍ୱାରା ସଦ୍ୟ ଆରମ୍ଭ ହୋଇଥିବା ଏକ ଲାଇନ। ଏହି ଜୋତାଗୁଡ଼ିକ ଖେଳାଳି ଏବଂ ଆଧୁନିକ କ୍ରିକେଟରଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଛି।ମହିଳା ଏସିଆ କପରେ, ପାକିସ୍ତାନ ସେମିଫାଇନାଲରେ ଶ୍ରୀଲଙ୍କା ସହିତ ମୁକାବିଲା କରିବାକୁ ଯାଉଛି। ଶ୍ରୀଲଙ୍କା ଗ୍ରୁପ ବିରେ ଶୀର୍ଷରେ ରହି ତିନୋଟି ମ୍ୟାଚ ଜିତିଛି। ଭାରତ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ପ୍ରଥମ ଦଳ ଥିଲା, ଯଦିଓ ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ; ଗ୍ରୁପ ବିର ଦ୍ୱିତୀୟ ସେମିଫାଇନାଲିଷ୍ଟ ଭାରତ କାହା ସହିତ ମୁକାବିଲା କରିବ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇ ନାହିଁ। ଆଜି, ମହିଳା ଏସିଆ କପରେ ବାଂଲାଦେଶ ଏବଂ ୟୁଏଇ ମଧ୍ୟରେ ଏକ ମ୍ୟାଚ ରହିଛି, ଏବଂ ବିଜେତା ସେମିଫାଇନାଲରେ ଟିମ ଇଣ୍ଡିଆ ସହିତ ମୁକାବିଲା କରିବ।

## ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ଖେଳିପାରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ,୦୭/୦୯: ଭାରତୀୟ କ୍ରିକେଟ୍ ଟିମର ବେଞ୍ଚ ଷ୍ଟ୍ରେନ୍ଥ ବିଷୟରେ ପୂରା ବିଶ୍ୱ ଅବଗତ। ଭାରତ ପାଖରେ ଏତେ ପ୍ରତିଭାବାନ ଖେଳାଳି ଅଛନ୍ତି ଯେ ଆବଶ୍ୟକ ପଡ଼ିଲେ ଗୋଟିଏ ଦିନରେ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଦୁଇଟି ଅଲଗା ଟିମ୍ ମଇଦାନକୁ ଓହ୍ଲାଇପାରିବ। ଏବେ ଏହାର ଏକ ରୋଚକ ଉଦାହରଣ ୩ ଅକ୍ଟୋବର ୨୦୨୬ରେ ଦେଖିବାକୁ ମିଳିପାରେ। ସେହି ଦିନ ଗୋଟିଏ ପଟେ ନ୍ୟୁ ଚଣ୍ଡିଗଡ଼ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟିମ୍ ଇଣ୍ଡିଆ ଦିନିକିଆ ମ୍ୟାଚ୍ ଖେଳିବ ଏବଂ ଅନ୍ୟପଟେ ଜାପାନରେ ଚାଲିଥିବା ଏସିଆନ୍ ଗେମ୍ସରେ ଭାରତୀୟ ଟିମ୍ ଗୋଲ୍ଡ ମେଡାଲ୍ ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି। ଏସିଆନ୍ ଗେମ୍ସରେ ଭାରତୀୟ ଟିମ୍ ସିଧାସଳଖ କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଛି। ୨୮ ସେପ୍ଟେମ୍ବରରେ ଭାରତ ଗ୍ରୁପ୍-ଏ'ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଟିମ୍ ବିପକ୍ଷରେ ଖେଳିବ। ଏହି ଗ୍ରୁପରେ ଆଫଗାନିସ୍ତାନ, ଜାପାନ ଓ ନେପାଳ ରହିଛନ୍ତି। କ୍ୱାର୍ଟର ଫାଇନାଲ୍ ଜିତିଲେ ଭାରତ ୧ ଅକ୍ଟୋବରରେ ସେମିଫାଇନାଲ୍ ଖେଳିବ। ସେଥିରେ ବିଜୟୀ ହେଲେ ୩ ଅକ୍ଟୋବରରେ ଫାଇନାଲ୍, ଅର୍ଥାତ୍ ଗୋଲ୍ଡ ମେଡାଲ୍ ମ୍ୟାଚ୍ ଖେଳିବ। ଠିକ୍ ଏହି ଦିନ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜର ତୃତୀୟ ତଥା ଶେଷ ମ୍ୟାଚ୍ ମଧ୍ୟ ଖେଳାଯିବ। ସବୁଠାରୁ ବଡ଼ କଥା ହେଉଛି, ଏହି ଦୁଇ ମ୍ୟାଚ୍ ପାଇଁ ଭାରତର ଟିମ୍ ଅଲଗା ରହିବ। ଏସିଆନ୍ ଗେମ୍ସ ପାଇଁ ଭାରତୀୟ ଟିମ୍ ଘୋଷଣା ହୋଇସାରିଛି। ଏହି ଟିମର ନେତୃତ୍ୱ ଶ୍ରେୟସ ଆୟରଙ୍କ ହାତରେ ରହିଛି। ଦଳରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ୍, ବୈଭବ ସୂର୍ଯ୍ୟବଂଶୀ ଓ ତିଲକ ବର୍ମାଙ୍କ ଭଳି ଖେଳାଳି ରହିଛନ୍ତି। ଏହାସହ ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂହଙ୍କ ଭଳି ଷ୍ଟାର୍ ବୋଲରମାନେ ମଧ୍ୟ ଏହି ଟିମର ଅଂଶ ଅଛନ୍ତି। ଏଭଳି ଶକ୍ତିଶାଳୀ ଦଳ ଥିବାରୁ ଭାରତ ଗୋଲ୍ଡ ମେଡାଲ୍ ଜିତିବ ବୋଲି ଆଶା କରାଯାଉଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,